# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୪୨ ◆ ଭୁବନେଶ୍ୱର ◆ ସୋମବାର ◆ ଜୁନ୍ ୦୮ରୁ ଜୁନ୍ ୧୪, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-42 ◆ Bhubaneswar ◆ Monday ◆ June 08 to June 14, 2026 ◆ Page-8 ◆ Price Rs.4.00


## ୨୦୪ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର

# ପିଲା ପାଇବେ ଗୁଣାତ୍ମକ ଶିକ୍ଷା



ଭୁବନେଶ୍ୱର,(ଜା.ପ୍ର): ପ୍ରାଥମିକ ଶିକ୍ଷା ହେଉଛି ଜଣେ ଛାତ୍ରର ଶିକ୍ଷାଗ୍ରହଣର ମୂଳଦୁଆ। ମୂଳଦୁଆ ଯେତିକି ସୁଦୃଢ଼ ହେବ, ପିଲାର ଭବିଷ୍ୟତ ସେତିକି ଉଜ୍ଜ୍ୱଳ ହେବ। ତେଣୁ, ଆମ ସରକାର ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହା ମାଧ୍ୟମରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ବାତାବରଣ ସୁଦୃଢ଼ ଏବଂ ସଂଗଠିତ କରାଯିବ। ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷା ଦିଆଯିବ। ପିଲାମାନେ ସର୍ବୋତ୍ତମ ଓ ଗୁଣାତ୍ମକ ମାନର ଶିକ୍ଷା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର ଖୋର୍ଦ୍ଧା ଜିଲ୍ଲା କୁମାରବସ୍ତ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ଏହାଛଡ଼ା ପଞ୍ଚସଖା ଯେପରି ସତ୍ୟବାଦୀଠାରେ ବକୁଳବନ ବିଦ୍ୟାଳୟ ସ୍ଥାପନ କରିଥିଲେ ଓ ସେଠାରେ ପିଲାମାନଙ୍କୁ ଯେପରି ସମସ୍ତ ପ୍ରକାର ଶିକ୍ଷାଦାନ କରାଯାଉଥିଲା, 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଗୁଡ଼ିକ ମଧ୍ୟ ସେହିପରି ଢାଞ୍ଚାରେ ପ୍ରସ୍ତୁତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଜାନୁଆରୀ ମାସରେ ବାଣପୁରଠାରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ରାଜ୍ୟବ୍ୟାପୀ ୨୨୦୦ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ପ୍ରଥମ ପର୍ଯ୍ୟାୟର ଏହି ୨୨୦୦ ବିଦ୍ୟାଳୟ ମଧ୍ୟରୁ ମୁଖ୍ୟମନ୍ତ୍ରୀ ପ୍ରଥମେ ବାଣପୁରରେ ୧୧୮ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଏବଂ ଆଜି ଖୋର୍ଦ୍ଧାରେ ଆଉ ୨୦୪ଟି ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି। ଏହାଦ୍ୱାରା ରାଜ୍ୟରେ ବର୍ତ୍ତମାନ ୩୨୨ଟି ଆଦର୍ଶ ବିଦ୍ୟାଳୟର ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷା କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ଆମର ସର୍ବୋଚ୍ଚ ପ୍ରାଥମିକତା। ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ, ପି.ଏମ୍ ଶ୍ରୀ, ଶିଶୁ ବାଟିକା, ଐତିହ୍ୟ ବିଦ୍ୟାଳୟ ଯୋଜନା, ଜନଜାତି ଛାତ୍ରଛାତ୍ରୀଙ୍କ ଡ୍ରପ୍-ଆଉଟ୍ ହାର ରୋକିବା ପାଇଁ ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନ ଭୋଜନ ଆଦି ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଆଜି ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିଛି। ରାଜ୍ୟର ଶିକ୍ଷକ ଅଭାବ ସମସ୍ୟାକୁ ଗମ୍ଭୀରତାର ସହ ନେଇ ବିଗତ ୨ ବର୍ଷ ମଧ୍ୟରେ ୨୬,୭୧୫ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। କାର୍ଯ୍ୟକ୍ରମରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଅନ୍ୟତମ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନ ସିଂଙ୍କ ସମେତ ଖୋର୍ଦ୍ଧା ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଇଟିପି ଟାଙ୍କି ସଫେଇ ବେଳେ ୪ ମୃତ

ସୁରତ,(ଏଜେନ୍ସି): ଗୁଜରାଟର ସୁରତ ସହରରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଏକ ଜୁଏଲାରୀ ସଫେଇ ଫ୍ୟାକ୍ଟ୍ରିରେ ବିଷାକ୍ତ ଗ୍ୟାସ୍ ଲିକ୍ କାରଣରୁ ୪ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ତିନିଜଣ ଶ୍ରମିକ ଏବଂ ଜଣେ ସୁପରଭାଇଜର୍ ସାମିଲ। ମାଟିତଳେ ଥିବା ଇଟିପି ଟାଙ୍କି ସଫା କରୁଥିବା ବେଳେ ବିଷାକ୍ତ ଗ୍ୟାସ୍ ଲିକ୍ ହୋଇ ସମସ୍ତଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି।

## ମାଗଣା ୟୁପିଏସ୍‌ସି:୨ରେ ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,(ଜା.ପ୍ର): ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶାର ୨୦୦ ଛାତ୍ରଛାତ୍ରୀଙ୍କୁ ମାଗଣାରେ ୟୁପିଏସ୍‌ସି ସିଭିଲ ସର୍ଭିସ କୋଚିଂ ପ୍ରଦାନ ଲାଗି ନିଷ୍ପତ୍ତି ହୋଇଛି। ଏନେଇ ଆବେଦନ ପ୍ରକ୍ରିୟା ଆସନ୍ତାକାଲି ଅର୍ଥାତ ସୋମବାର ଠାରୁ ଆରମ୍ଭ ହେବ। ସୋମବାର ପୂର୍ବାହ୍ନ ୧୧ଟାରୁ ଛାତ୍ରଛାତ୍ରୀ ସାମ୍ସ ପୋର୍ଟାଲ ମାଧ୍ୟମରେ ଆବେଦନ କରିବେ। ଆବେଦନର ଶେଷ ତାରିଖ ଆସନ୍ତା ୧୯ତାରିଖ ରାତି ୧୧ଟା ୪୫ ଧାର୍ଯ୍ୟ ହୋଇଛି।୨୪ ତାରିଖରେ ଆବେଦନକାରୀଙ୍କୁ ଆଡ୍‌ମିଟ କାର୍ଡ ପ୍ରଦାନ କରାଯିବ। ଜୁନ ୨୮ତାରିଖରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀଙ୍କ 'ପ୍ରୋଭିଜନାଲ ଆନ୍ସର କି' ସାମ୍ସ ପୋର୍ଟାଲ ମାଧ୍ୟମରେ ୨୯ତାରିଖରେ ଉପଲବ୍ଧ ହେବ। ତେବେ ପରୀକ୍ଷାରେ ଯେଉଁ ୨୦୦ଜଣ ଛାତ୍ରଛାତ୍ରୀ ମନୋନୀତ ହେବେ ସେମାନଙ୍କର ତାଲିକା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପରବର୍ତ୍ତୀ ସମୟରେ ପ୍ରକାଶ କରାଯିବ। ମେଧା ତାଲିକା ପ୍ରକାଶ ପାଇବା ପରେ ଡକ୍ୟୁମେଣ୍ଟ ଯାଞ୍ଚ ଏବଂ ନାମଲେଖା ପ୍ରକ୍ରିୟା ହେବ। ପରେ କୋଚିଂ ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆବେଦନକାରୀମାନେ ଆପ୍ଲିକେସନ ଫି' ବାବଦରେ ୧୦୦ଟଙ୍କା ଡିପୋଜିଟ୍ କରିବେ। ତେବେ ୟୁପିଏସ୍‌ସି ସିଲାବସ୍ ଅନୁଯାୟୀ ମନୋନୀତ ଛାତ୍ରଛାତ୍ରୀଙ୍କୁ ୧୧ମାସ ମାଗଣାରେ କୋଚିଂ ଦିଆଯିବ। ପାଠପଢ଼ା ସହିତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଖାଇବା ସହ ଅନ୍ୟ ସୁବିଧା ରାଜ୍ୟ ସରକାର ଯୋଗାଇବେ।

## ଟ୍ରମ୍ପଙ୍କ ସହ ବୈଠକକୁ ଇରାନର ନା

ତେହେରାନ,(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତାବା ଖେମିନିଙ୍କ ମଧ୍ୟରେ ଆଗାମୀ ଦିନରେ ଏକ ସାକ୍ଷାତକାର ହେବା ନେଇ ୱାଶିଂଟନ ପକ୍ଷରୁ କରାଯାଉଥିବା ଦାବିକୁ ଶେଷରେ ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଗଚି ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ସହ ଦୁଇ ଦେଶ ମଧ୍ୟରେ ଜାରି ରହିଥିବା ଉତ୍ତେଜନା ଭିତରେ ଏଭଳି ଆଶା ରଖିବା ସମ୍ପୂର୍ଣ୍ଣ ଅବାସ୍ତବ ଓ କାଳ୍ପନିକ ବୋଲି କହିଛନ୍ତି। ଲେବାନନର ପ୍ରସିଦ୍ଧ ଗଣମାଧ୍ୟମ 'ଅଲ୍ ମାୟାଦିନ'' କୁ ଦେଇଥିବା ଏକ ସାକ୍ଷାତକାରରେ ଆରାଗଚି କହିଛନ୍ତି ଯେ ଟ୍ରମ୍ପ ବାସ୍ତବ ଦୁନିଆରେ ଭାବିବା ଓ ବଞ୍ଚିବା ଉଚିତ, କାରଣ ଦୁଇ ଦେଶ ମଧ୍ୟରେ କୌଣସି ଉଚ୍ଚସ୍ତରୀୟ ବୈଠକ ପାଇଁ କୌଣସି ନିଷ୍ପତ୍ତି ହୋଇନାହିଁ। ଚଳିତ ସପ୍ତାହ ପ୍ରାରମ୍ଭରେ ଟ୍ରମ୍ପ ଦାବି କରିଥିଲେ ଯେ ସେ ଆଗାମୀ ଦିନରେ ଇରାନର ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା କରିବାକୁ ଆଗ୍ରହୀ ଏବଂ ୱାଶିଂଟନ-ତେହେରାନ ମଧ୍ୟରେ ଆଲୋଚନା ସକାରାତ୍ମକ ଦିଗରେ ଆଗେଇଲେ ଏହି ଐତିହାସିକ ବୈଠକ ସମ୍ଭବ ହୋଇପାରେ। ଟ୍ରମ୍ପ ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ଆଞ୍ଚଳିକ ସୁରକ୍ଷା ଉପରେ ଏକ ବ୍ୟାପକ ଚୁକ୍ତି ପାଇଁ ରାଜି ଥିବା ସଙ୍କେତ ଦେଇଥିଲେ ମଧ୍ୟ ଇରାନ ବୈଦେଶିକ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଆମେରିକାର ପ୍ରତିବନ୍ଧକ ଓ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ସଂଘର୍ଷ ଯୋଗୁଁ ବର୍ତ୍ତମାନ ପରିପ୍ରେକ୍ଷୀରେ କୌଣସି ବାର୍ତ୍ତାଳାପ ସହଜ ନୁହେଁ।

## ନରୱେ ଚେସ୍ ୨୦୨୬ ଟୁର୍ଣ୍ଣାମେଣ୍ଟ: ନୂଆ କୀର୍ତ୍ତିମାନ ରଚିଲା ଭାରତ

# ଟାଇଟଲ୍ ଜିତିବାରେ ପ୍ରଜ୍ଞାନାନନ୍ଦା ପ୍ରଥମ ଭାରତୀୟ




ଓସ୍‌ଲୋ, (ଏଜେନ୍ସି): ଭାରତର ଯୁବ ଗ୍ରାଣ୍ଡମାଷ୍ଟର ଆର୍ ପ୍ରଜ୍ଞାନାନନ୍ଦ ଇତିହାସ ରଚିଛନ୍ତି। ୨୦ ବର୍ଷୀୟ ଏହି ଷ୍ଟାର ଚେସ୍ ଖେଳାଳି ନରୱେ ଚେସ୍ ୨୦୨୬ର ଟାଇଟଲ୍ ଜିତିବାରେ ପ୍ରଥମ ଭାରତୀୟ ଖେଳାଳି ହୋଇପାରିଛନ୍ତି। ଭାରତୀୟ ଚେସ୍ ଜଗତର କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦ ଯାହା କରିପାରିନଥିଲେ, ପ୍ରଜ୍ଞାନାନନ୍ଦ ତାହା କରି ଦେଖାଇଛନ୍ତି। ବର୍ତ୍ତମାନର ବିଶ୍ୱ ଚାମ୍ପିଅନ୍ ଡି. ଗୁକେଶ ମଧ୍ୟ ଏପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଜିତିପାରିନଥିଲେ। କିନ୍ତୁ ପ୍ରଜ୍ଞାନାନନ୍ଦ ନରୱେ ଚେସ୍ ୨୦୨୬ ଟାଇଟଲ୍ ନିଜ ନାମରେ କରିବାରେ ସଫଳ ହୋଇଛନ୍ତି। ପ୍ରଜ୍ଞାନାନନ୍ଦ ଦ୍ୱିତୀୟ ଥର ପାଇଁ ନରୱେ ଚେସ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ରିପୋର୍ଟ ଅନୁସାରେ ଫାଇନାଲ୍‌ରେ ପ୍ରଜ୍ଞାନାନନ୍ଦଙ୍କ ଆମ୍ନାସାମ୍ନା ଜର୍ମାନୀର ଭିନସେଣ୍ଟ କୀମରଙ୍କ ସହ ହୋଇଥିଲା। ତେବେ ସେ ଭିନସେଣ୍ଟ କୀମରଙ୍କୁ ହରାଇ ଏହି ସଫଳତା ହାସଲ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ଶେଷ ଦିନରେ ପ୍ରଜ୍ଞାନାନନ୍ଦ ୧୫ ପଏଣ୍ଟ ସହ ତୃତୀୟ ସ୍ଥାନରେ ଥିଲେ। ସେ କ୍ଲାସିକାଲ ମୁକାବିଲା ଜିତି ୩ ପଏଣ୍ଟ ହାସଲ କରିଥିଲେ ଏବଂ ମୋଟ ୧୮ ପଏଣ୍ଟ ସହ ଟାଇଟଲ୍ ନିଜ ନାମରେ କରିଥିଲେ। ସେହିପରି ଆମେରିକୀୟ ଗ୍ରାଣ୍ଡମାଷ୍ଟର ୱେସଲି ସୋ' ୧୭ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିବାକୁ ବାଧ୍ୟ ହୋଇଥିବା ବେଳେ ଫ୍ରାନ୍ସର ଅଲୀରଜା ଫିରୋଜା ୩ୟ ସ୍ଥାନ ଅକ୍ତିଆର କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ସବୁଠୁ ବଡ଼ ବିପର୍ଯ୍ୟୟ ହେଉଛି, ବିଶ୍ୱର ୧ନଂ ତଥା ୭ଥରର (୨୦୨୫ରେ ମଧ୍ୟ ଟାଇଟଲ ବିଜୟୀ) ନରୱେ ଚେସ୍ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ତଥା ନରୱେର ମ୍ୟାଗନସ୍ କାର୍ଲସନ୍ ମାତ୍ର ୧୩ ପଏଣ୍ଟ ସହ ୫ମ ସ୍ଥାନରେ ରହିବା। କାର୍ଲସନ୍‌ଙ୍କୁ ଏହି ଟୁର୍ଣ୍ଣାମେଣ୍ଟରେ ହିଁ ପ୍ରଜ୍ଞାନାନନ୍ଦ ଦୁଇ ଦୁଇ ଥର ହରାଇଛନ୍ତି। ଉଭୟ ଦୁଇଟି ମ୍ୟାଚରେ ସାମ୍ନାସାମ୍ନି ହୋଇଥିବା ବେଳେ ଦୁଇ ଥର ଯାକ କାର୍ଲସନ୍ ପରାଜିତ ହୋଇଥିଲେ। ଏହା ପୂର୍ବରୁ ୨୦୦୭ରେ ବିଶ୍ୱନାଥନ ଆନନ୍ଦ ଲିନାରେସ୍ ଇଣ୍ଟରନ୍ୟାସନାଲ୍ ଟୁର୍ଣ୍ଣାମେଣ୍ଟରେ କାର୍ଲସନ୍‌ଙ୍କୁ କ୍ରମାଗତ ଦୁଇଟି ମୁକାବିଲାରେ ମାତ୍ ଦେଇଥିଲେ। ତେବେ ଭାରତର ଅନ୍ୟତମ ଗ୍ରାଣ୍ଡମାଷ୍ଟର ଡି.ଗୁକେଶ ଏହି ଟୁର୍ଣ୍ଣାମେଣ୍ଟରେ ୮ ପଏଣ୍ଟ ସହ ଷଷ୍ଠ (ଶେଷ) ସ୍ଥାନରେ ରହିଛନ୍ତି।

ଜାତୀୟ ଚେତନା
JATIYA CHETANA



## ଭାରତ-ନେପାଳ ମଧ୍ୟରେ ୟୁପିଆଇ ଲିଙ୍କ୍ ଲଞ୍ଚ୍



ନୂଆଦିଲ୍ଲୀ,(ଏଜେନ୍ସି): ଭାରତୀୟ ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ନୂଆଦିଲ୍ଲୀରେ ନେପାଳ ବିଦେଶ ମନ୍ତ୍ରୀ ଶଶିର ଖନାଲ୍‌ଙ୍କୁ ସାକ୍ଷାତ କରିଛନ୍ତି। ବୈଠକ ଅବସରରେ ଭାରତ ଓ ନେପାଳ ମଧ୍ୟରେ ୟୁପିଆଇ ଏବଂ ନେପାଳର ନାସ୍‌ନାଲ୍ ପେମେଣ୍ଟ ସିଷ୍ଟମ୍‌କୁ ଯୋଡ଼ାଯାଇଛି। ଏହା ଫଳରେ ଦୁଇ ଦେଶର ଲୋକଙ୍କ ପାଇଁ ସୀମା ପାର୍ ଅର୍ଥ ପଠାଇବା ସହଜ ହେବ। ଏହା ବ୍ୟତୀତ ଭାରତ ୨୦୧୫ ଭୂମିକମ୍ପ ପରେ ଚାଲିଥିବା ପୁନର୍ନିର୍ମାଣ କାର୍ଯ୍ୟକ୍ରମ ଅଧୀନରେ ନେବାଳକୁ ୭୨ ସ୍ୱାସ୍ଥ୍ୟ ସୁବିଧା ଏବଂ ୧୨ ସାଂସ୍କୃତିକ ଐତିହ୍ୟ ପରିଯୋଜନା ମଧ୍ୟ ପ୍ରଦାନ କରିଛି। ଏହା ବ୍ୟତୀତ କାଠମାଣ୍ଡୁ ୟୁନିଭର୍ସିଟି ଏବଂ ଭାରତର 'ଡିଜିଟାଲ୍ ଇଣ୍ଡିଆ ଭାଷିଣୀ' ମଧ୍ୟରେ ବୁଝାମଣା ସ୍ୱାକ୍ଷର ହୋଇଛି। ଏହା ଅଧୀନରେ ନେପାଳ ପାଇଁ 'ଭଏସ୍ ଫାଷ୍ଟ' ଭାଷା ଟ୍ରାନ୍ସଲେସନ୍ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରାଯିବ।

## ଇରାନ୍‌ର ଜବତ ସମ୍ପତ୍ତିକୁ ନେଇ ଟ୍ରମ୍ପ୍‌ଙ୍କ ବଡ଼ ବୟାନ

# ବୁଝାମଣା ପୂର୍ବରୁ ଦିଆଯିବନି କୌଣସି ଆଶ୍ୱସ୍ତି

ୱାଶିଂଟନ୍,(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରବିବାର କହିଛନ୍ତି, ତାଙ୍କ ପ୍ରଶାସନ ଇରାନ୍ ସହିତ କୌଣସି ବୁଝାମଣାରେ ପହଞ୍ଚିବା ପୂର୍ବରୁ ଜବତ ସମ୍ପତ୍ତି ଫେରାଇବ ନାହିଁ। ଏନ୍‌ବିସି ନ୍ୟୁଜ୍‌କୁ ଦେଇଥିବା ଏକ ସାକ୍ଷାତକାରରେ ଟ୍ରମ୍ପ୍ କହିଛନ୍ତି, କେବଳ ଇରାନ୍ ଦ୍ୱାରା ଭବିଷ୍ୟତର ବୁଝାମଣା ଅନୁସାରେ ନିଜ ପ୍ରତିଶ୍ରୁତି ପାଳନ କରିବା ପରେ ହିଁ ପ୍ରତିବନ୍ଧ ଉପରେ କୌଣସି ପ୍ରକାର ଆଶ୍ୱସ୍ତି ଦିଆଯିବ। ଡୋନାଲ୍ଡ ଟ୍ରମ୍ପ୍ ଜୋର୍ ଦେଇଛନ୍ତି ଯେ ପ୍ରତିବନ୍ଧ ଉପରେ ଆଶ୍ୱସ୍ତି ପ୍ରଦାନ ଉପରେ ଆଲୋଚନା ଆରମ୍ଭ ପୂର୍ବରୁ ତେହେରାନ୍‌କୁ ନିଜ ନିୟତ ଓ ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ ଦେବାକୁ ହେବ। ସେ କହିଛନ୍ତି, ବୁଝାମଣା ପରେ ଯଦି ଇରାନ୍ ଠିକ୍ ବ୍ୟବହାର ଏବଂ ଭଲ କାମ କରେ, ତେବେ ଆମେ କଥାବାର୍ତ୍ତା ଆରମ୍ଭ କରିବୁ।

ଟମ୍ପ୍ ଦାବି କରିଛନ୍ତି ଯେ ଭବିଷ୍ୟରେ ହେବାକୁ ଥିବା କୌଣସି ପ୍ରକାର ବୁଝାମଣାରେ ଇରାନ୍‌କୁ ପରମାଣୁ ଅସ୍ତ୍ର ବିକଶିତ କରିବାରୁ ରୋକିବା ବ୍ୟତୀତ ଆହୁରି ବହୁତ କିଛି ସାମିଲ ହେବା ଆବଶ୍ୟକ। ସେ କହିଛନ୍ତି, ବାର୍ତ୍ତାକାର ପରମାଣୁ ଅସ୍ତ୍ରଶସ୍ତ୍ର ବିକାଶ ସମ୍ବନ୍ଧିତ ପ୍ରତିବନ୍ଧ ଉପରେ କେତେକାଂଶରେ ସହମତ ହୋଇଥିଲେ। ମାତ୍ର ସେ ବିଶେଷ ଶବ୍ଦ ଉପରେ ଜୋର୍ ଦେଇଛନ୍ତି। ସେ କହିଛନ୍ତି, ଯଦି କୌଣସି ବୁଝାମଣା ହୁଏ, ତେବେ ୱାଶିଂଟନ୍ ଇରାନ୍ ସହିତ ମିଶି ସମୃଦ୍ଧ ୟୁରାନିୟମ ହଟାଇବା ଏକ ନଷ୍ଟ କରିବା କାମ କରିବ। ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ ଇରାନ୍ ଯେପରି ପରମାଣୁ ଅସ୍ତ୍ରଶସ୍ତ୍ର କିମ୍ବା ସମ୍ବନ୍ଧିତ କ୍ଷମତା ବିକଶିତ କିମ୍ବା କ୍ରୟ ନକରିପାରେ ତାହା ସୁନିଶ୍ଚିତ ହେବା ସେ ଚାହାନ୍ତି। ଟ୍ରମ୍ପ୍ କହିଛନ୍ତି, ଇରାନୀ ବାର୍ତ୍ତାକାର ପ୍ରଥମରୁ ପ୍ରସ୍ତାବର ବିରୋଧ କରିଥିଲେ ମଧ୍ୟ ପରେ ନିଜ ମନୋଭାବ ନରମ କରିଛନ୍ତି। ସେ ସଙ୍କେତ ଦେଇଛନ୍ତି ଯେ କୂଟନୀତି ବିଫଳ ହେବା ସ୍ଥିତିରେ ଆମେରିକା ବଳ ପ୍ରୟୋଗ ପାଇଁ ପ୍ରସ୍ତୁତ ଅଛି। ଏନ୍‌ବିସି ନ୍ୟୁଜ୍‌କୁ ସେ କହିଛନ୍ତି, ଆମେ ବୁଝାମଣାର ବହୁ ନିକଟତର ହୋଇଛୁ। ଯଦି ଏହା ସଫଳ ନହୁଏ, ତେବେ ଇରାନ୍ ଉପରେ ଜୋରଦାର କାର୍ଯ୍ୟାନୁଷ୍ଠାନ କରିବି।

# ଆମେରିକାରେ ଭାରତୀୟ ଯୁବକଙ୍କୁ ହତ୍ୟା

ନୂଆଦିଲ୍ଲୀ,(ଏଜେନ୍ସି): ଆମେରିକାର ଫିଲାଡେଲ୍‌ଫିଆ ସହରରେ ତେଲେଙ୍ଗାନାର ୨୮ ବର୍ଷୀୟ ଅଂଶୁଳ କୁଞ୍ଚାଙ୍କୁ ଗୁଳିମାରି ହତ୍ୟା କରାଯାଇଛି। ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଏହା କୌଣସି ଲୁଟ୍‌ପାଟ୍ ନୁହେଁ, ବରଂ ପ୍ରଥମରୁ ରଚାଯାଇଥିବା ଷଡ଼ଯନ୍ତ୍ର। ସେମାନଙ୍କ କହିବା ଅନୁସାରେ ଅଂଶୁଳଙ୍କୁ ଏକ ଫେକ୍ (ଜାଲ୍) ପିଜା ଅର୍ଡର୍ ଦେଇ ଶୂନ୍‌ଶାନ୍ ଅଞ୍ଚଳକୁ ଡକାଯାଇଥିଲା। ସେଠାରେ ପହଞ୍ଚିବା ମାତ୍ରେ ହିଁ ଆକ୍ରମଣକାରୀ ତାଙ୍କ ମୁଣ୍ଡକୁ ଗୁଳି କରିଥିଲା। ଶନିବାର ବିଳମ୍ବିତ ରାତିରେ ଅଂଶୁଳଙ୍କୁ ଫିଲାଡେଲ୍‌ଫିଆର ରେମଣ୍ଡ ରୋସେନ୍ ହୋମ୍ସ ନାମକ ହାଉସିଂ କମ୍ପ୍ଲେକ୍ସର ଏକ ଠିକଣାରେ ପିଜା ପହଞ୍ଚିବାର ଅର୍ଡର ମିଳିଥିଲା। ସେ ସେଠାରେ ପହଞ୍ଚିବା ପରେ କୌଣସି ଗ୍ରାହକ ଉପସ୍ଥିତ ନଥିଲେ। ଏହି ଅବସରରେ ଦୁଇଜଣ ଅଜ୍ଞାତ ଆକ୍ରମଣକାରୀ ତାଙ୍କ ଉପରେ ଆକ୍ରମଣ କରିବା ସହିତ ତାଙ୍କ ମୁଣ୍ଡକୁ କେତେ ରାଉଣ୍ଡ ଗୁଳି ଚଳାଇଥିଲେ। ଘଟଣା ପରେ ଆକ୍ରମଣକାରୀ ସେଠାରୁ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ପୁଲିସ୍ ସିସିଟିଭି ଫୁଟେଜ୍ ଆଧାରରେ ଆକ୍ରମଣକାରୀଙ୍କ ସନ୍ଧାନ ଚଳାଇଛି। ଅଂଶୁଳଙ୍କ ପରିବାର ତାଙ୍କ ପାର୍ଥିବ ଶରୀର ଶୀଘ୍ର ଭାରତ ଆଣିବା ପାଇଁ ବିଦେଶ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି। ଆମେରିକାରେ ଭଲ ଚାକିରି କରିଥିବା ସତ୍ତ୍ୱେ ଅଂଶୁଳ ଅତିରିକ୍ତ ଆୟ ପାଇଁ ସପ୍ତାହନ୍ତରେ ପିଜା ଡେଲିଭରୀର ପାର୍ଟ-ଟାଇମ୍ କାମ କରୁଥିଲେ।

# ଲେବାନନ୍ ଉପରେ ଇସ୍ରାଏଲର୍ ଏୟାର୍‌ଷ୍ଟ୍ରାଇକ୍

## ୩ ଲେବାନନ୍ ସେନାଧିକାରୀଙ୍କ ସମେତ ୯ ମୃତ

ବେରୁତ, ଜେରୁଜେଲମ୍,(ଏଜେନ୍ସି): ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏତଦ୍‌ବ୍ୟତୀତ ୨/୩ ଦିନ ପୂର୍ବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଫୋନ୍ କରି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ କଠୋର ଶବ୍ଦରେ ଭର୍ତ୍ସନା କରିଥିଲେ। ଏସବୁ ସତ୍ତ୍ୱେ ଇସ୍ରାଏଲ୍ ପୁଣିଥରେ ଲେବାନନ୍ ଉପରେ ଏୟାରଷ୍ଟ୍ରାଇକ୍ କରିଛି। ଇସ୍ରାଏଲର ଲଢୁଆ ବିମାନଗୁଡ଼ିକ ଲେବାନନ୍‌ର ଦକ୍ଷିଣ ପ୍ରାନ୍ତରେ ଆକାଶରୁ ବୋମାବର୍ଷା କରିଛନ୍ତି। ତେବେ ଏହି ଆକ୍ରମଣରେ ଲେବାନନ୍‌ର ୩ ସେନାଧିକାରୀଙ୍କ ସମେତ ମୋଟ୍ ୯ଜଣ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଲେବାନନ୍ ପକ୍ଷରୁ ଏହାକୁ ବିଶ୍ୱାସଘାତକ ବୋଲି କୁହାଯାଇଥିବା ବେଳେ ଇରାନ୍ ମଧ୍ୟ ଚେତାବନୀ ଦେଇଛି।

ରିପୋର୍ଟ ଅନୁସାରେ ଇସ୍ରାଏଲ୍ ଏବଂ ଲେବାନନ୍ ମଧ୍ୟରେ ଏକ ନୂତନ ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହେବାର ମାତ୍ର କିଛି ଦିନ ପରେ, ଇସ୍ରାଏଲ୍ ଏହି ଆକ୍ରମଣ କରିଛି। ନାବାତିୟେହ ସହରକୁ ମାର୍ଜାୟୁନ୍ ସହର ସହିତ ସଂଯୋଗ କରୁଥିବା ରାସ୍ତାରେ ଏକ ଗାଡ଼ି ଉପରେ ହୋଇଥିବା ବିମାନ ଆକ୍ରମଣରେ ଜଣେ ବ୍ରିଗେଡିୟର ଜେନେରାଲ, ଜଣେ କ୍ୟାପ୍ଟେନ୍ ଏବଂ ଅନ୍ୟ ଜଣେ ସୈନ୍ୟ ଅଧିକାରୀଙ୍କ ଘଟିଛି ବୋଲି ଲେବାନନ୍ ସେନା ପକ୍ଷରୁ କୁହାଯାଇଛି, ତେବେ ତୁରନ୍ତ ସେମାନଙ୍କ ନାମ ପ୍ରକାଶ କରାଯାଇନାହିଁ। ଅନ୍ୟପଟେ, ଦକ୍ଷିଣ ଗ୍ରାମ ସାକସାକିୟା ଉପରେ ହୋଇଥିବା ଅନ୍ୟ ଏକ ବିମାନ ଆକ୍ରମଣରେ ୬ ଜଣ ସାଧାରଣ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି ବୋଲି ସରକାରୀ ଜାତୀୟ ସମ୍ବାଦ ସଂସ୍ଥା କହିଛି।

ଇସ୍ରାଏଲ୍ ସେନା ଏହି ଆକ୍ରମଣ ସମ୍ପର୍କରେ ସୂଚନା ଦେଇ କହିଛି ଯେ, ଲେବାନନ୍ ଉପରେ ହୋଇଥିବା ଏହି ଆକ୍ରମଣଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଏହି ଅଞ୍ଚଳରେ ଲୁଚି ରହିଥିବା ହିଜବୁଲ୍ଲା ସଶସ୍ତ୍ର ଗୋଷ୍ଠୀଙ୍କ ଷଡଯନ୍ତ୍ରକୁ ବିଫଳ କରିବା। ଇଣ୍ଟେଲ୍ ସୂତ୍ରରୁ ମିଳିଥିବା ସୂଚନାନୁସାରେ ଏହି ପ୍ରାନ୍ତରୁ ହିଜବୁଲ୍ଲା ସଂଗଠନ ଶକ୍ତିଶାଳୀ ହେବା ସହ ଇସ୍ରାଏଲ୍ ଉପରେ ଆକ୍ରମଣ କରିବାକୁ ଯୋଜନା କରୁଛି। ଏହାକୁ ଭିତ୍ତି କରି ଏହି ଆକ୍ରମଣ କରାଯାଇଛି। ଇସ୍ରାଏଲ୍ ସେନା ସ୍ପଷ୍ଟ କରିଛି ଯେ ସେମାନେ ହିଜବୁଲ୍ଲାହ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି, ଲେବାନନ୍ ସେନା ବିରୋଧରେ ନୁହେଁ। ଅନ୍ୟପକ୍ଷେ ଲେବାନନ୍ ଦର୍ଶାଇଛି ଯେ, ଇସ୍ରାଏଲର ଏହି ଆକ୍ରମଣ ସେହି ସମସ୍ତ ପ୍ରୟାସକୁ ପଣ୍ଡ ପ୍ରଭାବିତ କରୁଛି, ଯାହାକି ଆଞ୍ଚଳିକ ସ୍ତରରେ ସ୍ଥିରତା ଫେରାଇ ଆଣିବା ପାଇଁ କରାଯାଉଛି। ଲେବାନନ୍‌ର ରାଷ୍ଟ୍ରପତି ଜୋସେଫ୍ ଆଉନ୍ ଏହି ଆକ୍ରମଣକୁ 'ଲେବାନନ୍'ର ସାର୍ବଭୌମତ୍ୱ ଏବଂ ଅନ୍ତର୍ଜାତୀୟ ଆଇନର ଏକ ଖୋଲା ଉଲ୍ଲଂଘନ ବୋଲି କହିଛନ୍ତି। ସେ କହିଛନ୍ତି ଯେ, କୌଣସି ପ୍ରତିବନ୍ଧକ ବିନା ଚାଲିଥିବା ଇସ୍ରାଏଲ୍ ଆକ୍ରମଣର ଅନ୍ତ ଘଟାଇବା ପାଇଁ ଲେବାନନ୍ ୱାଶିଂଟନ୍ ବାତାବରଣରେ ଆଲୋଚନା ମାଧ୍ୟମରେ ପ୍ରୟାସ କରୁଥିବା ସତ୍ତ୍ୱେ, ଏହି ଆକ୍ରମଣ 'କ୍ରମାଗତ ଭାବେ ବଢୁଥିବା ଉତ୍ତେଜନାର ପରିପ୍ରେକ୍ଷୀରେ ଆସିଛି, ଯାହା ଦକ୍ଷିଣ (ଲେବାନନ୍) ର ସ୍ଥିରତା ଏବଂ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି।'

ସୂଚନାଯୋଗ୍ୟ, ୱାଶିଂଟନ୍‌ରେ ଶୁକ୍ରବାର ଘୋଷଣା କରାଯାଇଥିବା ଏହି ନୂତନ ଅସ୍ତ୍ରବିରତି, ଆମେରିକାର ମଧ୍ୟସ୍ଥତାରେ ଇସ୍ରାଏଲ୍ ଏବଂ ଲେବାନନ୍ ସରକାରଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଦ୍ୱାରା ସମ୍ଭବ ହୋଇଛି। ଲେବାନନ୍ ସରକାର ହିଜବୁଲ୍ଲାହ ଉପରେ ଦେଶକୁ ଯୁଦ୍ଧ ଭିତରକୁ ଟାଣି ଆଣିଥିବା ଅଭିଯୋଗ କରିଛନ୍ତି ଏବଂ ସାମ୍ପ୍ରତିକ ଶତ୍ରୁତା ପୂର୍ବରୁ ତାକୁ ନିରସ୍ତ୍ର କରିବାକୁ ଚେଷ୍ଟା ମଧ୍ୟ କରିଥିଲେ। ତେବେ ହିଜବୁଲ୍ଲାହ ଏହି ଅସ୍ତ୍ରବିରତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି। ସେହିପରି ଲେବାନନ୍ ଏବଂ ଇସ୍ରାଏଲ୍ ମଧ୍ୟରେ ହୋଇଥିବା ନୂତନ ଅସ୍ତ୍ରବିରତି ଚୁକ୍ତିକୁ ଇରାନ୍ ମଧ୍ୟ ବିରୋଧ କରୁଛି। ଏନେଇ ଲେବାନନ୍ ପ୍ରଧାନମନ୍ତ୍ରୀ ଇରାନକୁ ସମାଲୋଚନା କରିଛନ୍ତି।

# ସମ୍ବଲରେ ଆରମ୍ଭ ହେଲା ମସଜିଦ୍ ଭାଙ୍ଗିବା ପ୍ରକ୍ରିୟା

ଲକ୍ଷ୍ନୌ, (ଏଜେନ୍ସି): ଜମି ମାଲିକାନା ବିବାଦର କେନ୍ଦ୍ରବିନ୍ଦୁ ପାଲଟିଥିବା ସମ୍ବଲ ଜିଲ୍ଲାର 'ମୁସ୍ତଫା କାଦ୍ରି ମସଜିଦ୍' ବିରୋଧରେ ଶନିବାର ଉତ୍ତରପ୍ରଦେଶ ପ୍ରଶାସନ ଉଚ୍ଛେଦ ଅଭିଯାନ ଆରମ୍ଭ କରିଛି। ତହସିଲଦାର ଧୀରେନ୍ଦ୍ର କୁମାର ଏବଂ ନାଏବ ତହସିଲଦାର ଦୀପକ ଜୁରେଲଙ୍କ ନେତୃତ୍ୱରେ ଏକ ଟିମ୍, ରାଜସ୍ୱ ଅଧିକାରୀ ଏବଂ ପୋଲିସ କର୍ମଚାରୀଙ୍କ ସହ ମିଶି ଏହି ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜିଲ୍ଲା ମାଜିଷ୍ଟ୍ରେଟ୍ ଅଙ୍କିତ ଖଣ୍ଡେଲୱାଲ ଏବଂ ଆରକ୍ଷୀ ଅଧୀକ୍ଷକ କୃଷ୍ଣ କୁମାର ବିଷ୍ଣୋଇ ଏହି ସମଗ୍ର ପ୍ରକ୍ରିୟାର ତଦାରଖ କରିବା ପାଇଁ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। କର୍ତ୍ତୃପକ୍ଷଙ୍କ ଦାବି ଅନୁଯାୟୀ ଏହା ସରକାରୀ ଜମିରେ ନିର୍ମାଣ କରାଯାଇଥିବା ବେଳେ, ମସଜିଦ୍ କମିଟିର ସଦସ୍ୟମାନେ ଆଇନଗତ ବାଟରେ ଏହି ପଦକ୍ଷେପକୁ ଚ୍ୟାଲେଞ୍ଜ କରିଥିଲେ। ତେବେ କୋର୍ଟରେ ମସଜିଦ୍ କମିଟିର ଆଇନଗତ ଆହ୍ୱାନ ପ୍ରତ୍ୟାଖ୍ୟାନ ହେବା ପରେ, ମସଜିଦ୍‌ଟି ସରକାରୀ ଜମିରେ ନିର୍ମିତ ହୋଇଥିବା ଦର୍ଶାଇ ଏହି ମସଜିଦ୍‌କୁ ଭାଙ୍ଗିବା ପ୍ରକ୍ରିୟା ଆରମ୍ଭ କରିଛି। ଅଧିକାରୀମାନେ ଅଭିଯୋଗ କରିଛନ୍ତି ଯେ, ଏହି ସମ୍ପତ୍ତିକୁ ୱାକଫ୍ ବୋର୍ଡରେ ପଞ୍ଜୀକୃତ କରିବା ସମୟରେ ଜମିର ମାଲିକାନା ସରକାରଙ୍କର ବୋଲି ଦର୍ଶାଉଥିବା ଦସ୍ତାବିଜ୍‌ଗୁଡ଼ିକୁ ଲୁଚାଇଦିଆଯାଇଥିଲା।

୧୨୦ ବର୍ଗ ମିଟର ପ୍ଲଟ୍‌ରେ ଅବସ୍ଥିତ ଏହି ମସଜିଦ୍‌କୁ ଭାଙ୍ଗିବା ପାଇଁ ୪ ବୁଲଡୋଜରକୁ କାମରେ ଲଗାଯାଇଥିଲା। ଏହି ଅଭିଯାନ ସମୟରେ ଘଟଣାସ୍ଥଳରେ ବହୁ ସଂଖ୍ୟାରେ ପୁଲିସ୍ ଏବଂ ରାଜସ୍ୱ ଅଧିକାରୀ ମୁତୟନ ହୋଇଥିଲେ। ଏହି ବିବାଦ ଜାନୁଆରୀ ମାସରେ ହୋଇଥିବା ଏକ ରାଜସ୍ୱ ସର୍ଭେରୁ ଆରମ୍ଭ ହୋଇଥିଲା, ଯେଉଁଥିରେ ଅଧିକାରୀମାନେ ଦାବି କରିଥିଲେ ଯେ ମସଜିଦ୍ ଠିଆ ହୋଇଥିବା ଜମିଟି ସରକାରୀ ସମ୍ପତ୍ତି ଭାବରେ ରେକର୍ଡ ହୋଇଛି। ପ୍ରଶାସନ ଅନୁଯାୟୀ, ପରବର୍ତ୍ତୀ ସମୟରେ କରାଯାଇଥିବା ଯାଞ୍ଚରୁ ଜଣାପଡ଼ିଛି ଯେ ରାଜସ୍ୱ ରେକର୍ଡରେ ଏହି ଜମିଟି ରାଜ୍ୟ ସରକାରଙ୍କର ବୋଲି ଦର୍ଶାଯାଇଥିବା ସତ୍ତ୍ୱେ ଏହାକୁ ୱାକଫ୍ ସମ୍ପତ୍ତି ଭାବରେ ପଞ୍ଜୀକୃତ କରାଯାଇଥିଲା। ତେବେ ଏସମ୍ପର୍କୀତ ସବିଶେଷ ଯାଞ୍ଚ ବା ତଦନ୍ତ ରିପୋର୍ଟ ସାମ୍ନାକୁ ଆସିବା ପରେ କଥିତ ଅନିୟମିତତା ଅଭିଯୋଗରେ ମସଜିଦ୍ କମିଟିର ୭ଜଣ ସଦସ୍ୟଙ୍କ ବିରୋଧରେ ଏକ ଏଫ୍‌ଆଇଆର୍ ରୁଜୁ କରାଯାଇଥିଲା। ତହସିଲଦାରଙ୍କ କୋର୍ଟ ଏପ୍ରିଲ ୨୧ ରେ ଏକ ବେଦଖଲ ନିର୍ଦ୍ଦେଶ ଜାରି କରି କର୍ତ୍ତୃପକ୍ଷଙ୍କ ଦ୍ୱାରା ବେଆଇନ ଜବରଦଖଲ କୁହାଯାଉଥିବା ଏହି ନିର୍ମାଣକୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମସଜିଦ୍ କମିଟି ଏହି ନିର୍ଦ୍ଦେଶକୁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ, କିନ୍ତୁ ପରେ ସେହି ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଏହାଫଳରେ ଉତ୍ତରପ୍ରଦେଶ ରାଜସ୍ୱ ସଂହିତାର ଧାରା ୬୭ ଅନୁଯାୟୀ ଉଚ୍ଛେଦ ପ୍ରକ୍ରିୟା ପାଇଁ ବାଟ ଉନ୍ମୁକ୍ତ ହୋଇଯାଇଛି।

ଜାତୀୟ ଚେତନା
JATIYA CHETANA



# ଓଡ଼ିଶା ଆଡ଼କୁ ଅଗ୍ରସର ମୌସୁମୀ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶା ଆଡ଼କୁ ଅଗ୍ରସର ହେଉଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ୩ରୁ ୪ ଦିନ ଭିତରେ ଓଡ଼ିଶାର କିଛି ସ୍ଥାନରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆହୁରି ଅଧିକ ଅଗ୍ରଗତି ହେବା ପାଇଁ ପାଣିପାଗ ପରିସ୍ଥିତି ଅନୁକୂଳ ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ପାଣିପାଗ ବିଭାଗ ପୂର୍ବାନୁମାନ ଅନୁସାରେ, ୩ରୁ ୪ ଦିନ ମଧ୍ୟରେ ଆରବ ସାଗରର ଆହୁରି କିଛି ଅଞ୍ଚଳ, ମହାରାଷ୍ଟ୍ର, କର୍ଣ୍ଣାଟକ, ତେଲେଙ୍ଗାନାର କିଛି ଭାଗ, ଆନ୍ଧ୍ର ପ୍ରଦେଶର ଅଧିକ ଅଞ୍ଚଳ, ତାମିଲନାଡୁର ଅବଶିଷ୍ଟ ଅଞ୍ଚଳ, ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ସହ ପଶ୍ଚିମ-ମଧ୍ୟ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ଅଧିକ ଅଞ୍ଚଳକୁ ମୌସୁମୀ ବାୟୁ ଅଗ୍ରସର ହେବାର ସମ୍ଭାବନା ରହିଛି। ସେହିପରି ଛତିଶଗଡ଼ ଓ ଓଡ଼ିଶାର କିଛି ଅଞ୍ଚଳ, ଉତ୍ତର-ପୂର୍ବ ଭାରତର ଅବଶିଷ୍ଟ ରାଜ୍ୟଗୁଡ଼ିକ ଏବଂ ଉପ-ହିମାଳୟ ପଶ୍ଚିମବଙ୍ଗ ଓ ସିକ୍କିମର କିଛି ଭାଗରେ ମଧ୍ୟ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ରହିଛି। ଏହାର ପ୍ରଭାବରେ କିଛି ସ୍ଥାନରେ ବର୍ଷା ବୃଦ୍ଧି ପାଇବା ସହ ଗ୍ରୀଷ୍ମ ପ୍ରବାହରୁ ଆଂଶିକ ଆଶ୍ୱସ୍ତି ମିଳିବ ଅର୍ଥାତ ଓଡ଼ିଶାରେ ମଧ୍ୟ ପ୍ରାକ୍ ମୌସୁମୀ ବର୍ଷା ଦେଖାଯିବ।

ସେପଟେ ଡହଡହ ଖରାରେ ସାରା ରାଜ୍ୟ ସିଝୁଥିବା ବେଳେ ଉପକୂଳରେ ହନ୍ତସନ୍ତ କରୁଛି ଗରମ ଓ ଗୁଳୁଗୁଳି। ଆହୁରି ୩ ଦିନ ରାଜ୍ୟରେ ଗରମ ଗୁଳୁଗୁଳି ସ୍ଥିତି ରହିବା ସହ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓ ପଶ୍ଚିମ ଓଡ଼ିଶାର ୧୪ ଜିଲ୍ଲା ସନ୍ତୁଳି ହେବ। ଏନେଇ ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି, ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାକୁ ଉଷ୍ମ ଓ ଆର୍ଦ୍ର ସ୍ଥିତି ପାଇଁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି।

ସେପଟେ ଏହି ଅସହ୍ୟ ତାତି ଓ ଗୁଳୁଗୁଳିରୁ କାଳବୈଶାଖୀ ସାମାନ୍ୟ ମୁକ୍ତି ଦେଉଥିବା ବେଳେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦେଓଗଡ, ସମ୍ବଲପୁର, ସୋନପୁର, ବରଗଡ଼ ଓ ଝାରସୁଗୁଡ଼ାକୁ ବାଦ୍ ଦେଇ ୨୫ ଜିଲ୍ଲା ପାଇଁ ଚେତାବନୀ ଜାରି ହୋଇଛି। ଯାଜପୁର, ଭାଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରରେ ବଜ୍ରପାତ ସହ ବର୍ଷା ଓ ୫୦ରୁ ୬୦ କିମି ଝଟକା ପବନ ବହିବାର ସମ୍ଭାବନାକୁ ନେଇ ଅରେଞ୍ଜ ଆଲର୍ଟ ଜାରି କରିଛି ବିଭାଗ। ଅବଶିଷ୍ଟ ୧୭ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ଓ ୪୦ରୁ ୫୦ କିମି ଝଟକା ପବନର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ଆସନ୍ତାକାଲି ଦେଓଗଡ଼, ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ାକୁ ବାଦ ଦେଇ ୨୬ ଜିଲ୍ଲା ପାଇଁ ସତର୍କତା ରହିଛି। ୧୩ ତାରିଖ ଯାଏଁ କାଳବୈଶାଖୀ ବର୍ଷା ପାଇଁ ପାଣିପାଗ ବିଭାଗ ସତର୍କତା ଜାରି କରିଛି।

# ଗୋଠପାଟଣାରେ ମଲ୍ଟି ପର୍ପୋଜ ସ୍ପୋର୍ଟସ କମ୍ପ୍ଲେକ୍ସ

## 'କ୍ରୀଡ଼ାର ବିକାଶ ନ ହେଲେ ଯୁବ ପ୍ରତିଭାର ବିକାଶ ଅସମ୍ଭବ'

ଭୁବନେଶ୍ୱର,(ଜା.ପ୍ର): କ୍ରୀଡ଼ା କେବଳ ମେଡାଲ, ରେକର୍ଡ କିମ୍ବା ଜୟ-ପରାଜୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଜୀବନରେ ଅନୁଶାସନ, ଟିମ୍ ୱାର୍କ ଏବଂ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ଧୈର୍ଯ୍ୟ ଶିଖାଇଥାଏ। କ୍ରୀଡ଼ାର ବିକାଶ ନ ହେଲେ ଯୁବ ପ୍ରତିଭାର ବିକାଶ ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଆୟୋଜିତ ଦୁଇଦିନିଆ 'ଚିନ୍ତନ ଶିବିର'ର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ କ୍ରୀଡ଼ାର ବିକାଶ ପାଇଁ ଏକ ବଡ଼ ରୋଡ୍‌ମ୍ୟାପ୍ ଓ ଫ୍ରେମ୍‌ୱାର୍କ ପ୍ରସ୍ତୁତ କରିବାରେ ବିଶେଷ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ବିଶେଷଜ୍ଞ, ପ୍ରଶାସକ, କ୍ରୀଡ଼ାବିତ୍ ପ୍ରମୁଖ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ା ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ଏବେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ସ୍ପୋର୍ଟ୍ସ ଇଭେଣ୍ଟ ସଫଳତାର ସହ ଆୟୋଜନ କରି ସାରା ବିଶ୍ୱରେ ସ୍ୱୀକୃତି ଲାଭ କରିଛି। ଆଗାମୀ ୨୦୨୮ ମସିହାରେ ଓଡ଼ିଶାରେ ବିଶ୍ୱ ଆଥ୍‌ଲେଟିକ୍ସ ଏବଂ ଏସିଆନ ଇନଡୋର ଆଥ୍‌ଲେଟିକ୍ସ ଚମ୍ପିଆନସିପ୍



ଆୟୋଜନ ହେବାକୁ ଯାଉଛି। ଗତବର୍ଷ ସଫଳତାର ସହ 'ୱାର୍ଲଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ୍' ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ଚଳିତ ବର୍ଷ ଏହାର ସିଲଭର୍ ସ୍ତରର ପ୍ରତିଯୋଗିତା ଓଡ଼ିଶାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୋଠପାଟଣା ଠାରେ ପ୍ରାୟ ୧୦୦୦ କୋଟି ଟଙ୍କା ବିନିଯୋଗରେ ଏକ ମଲ୍ଟି ପରପୋଜ୍ ସ୍ପୋର୍ଟସ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଇଛି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ମଜବୁତ କରିବା ପାଇଁ ବ୍ଲକସ୍ତରରେ ୪ ହଜାର କୋଟିରୁ ଅଧିକ ଟଙ୍କାର ବିନିଯୋଗରେ ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିଅମ ନିର୍ମାଣ କରାଯାଉଛି। ଏହା ସହିତ 'ମୁଖ୍ୟମନ୍ତ୍ରୀ ଟ୍ରଫି' ଜରିଆରେ ଗ୍ରାମାଞ୍ଚଳର ଉଦୀୟମାନ ପ୍ରତିଭାମାନଙ୍କୁ ଚୟନ କରାଯାଇ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର 'ଗ୍ରୋଥ୍ ଇଞ୍ଜିନ' ହେବା ଲକ୍ଷ୍ୟରେ କ୍ରୀଡ଼ା କ୍ଷେତ୍ରର ଏକ ବଡ଼ ଭୂମିକା ରହିବ। ଆଗାମୀ ଦିନରେ ଓଡ଼ିଶା କେବଳ ଏକ ଉତ୍ତମ ଆୟୋଜକ ରାଜ୍ୟ ଭାବେ ନୁହେଁ, ବରଂ ବିଶ୍ୱସ୍ତରୀୟ ଚମ୍ପିଆନ୍ ତାଲିକାରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନଙ୍କ ନାମ ରହିବା ଏକ ନିୟମିତ ଘଟଣାରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଆଜିର ଆଲୋଚନା ଯଦିଓ ଏସି ରୁମ୍‌ରେ ହେଉଛି ମାତ୍ର ଏହାର କାର୍ଯ୍ୟକାରୀ ୪୦ ଡିଗ୍ରୀ ଖରାରେ ହେବ। ବଣ ମଲ୍ଲୀ ଆଉ ବଣରେ ଫୁଟି ଝଡ଼ିଯିବ ନାହିଁ, ଏବେ ସମୟ ଆସିଛି ବଣ ମଲ୍ଲୀ ବିଶ୍ୱ ଦରବାରରେ ମହକିବ। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତଥା ହକି ଇଣ୍ଡିଆର ସଭାପତି ଦିଲ୍ଲୀପ ତିର୍କୀ, ବିଭାଗୀୟ କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ , କ୍ରୀଡ଼ା ନିର୍ଦ୍ଦେଶକ ଡ଼ା ୟେଦୁଲା ବିଜୟଙ୍କ ସମେତ, କ୍ରୀଡ଼ା ବିଶେଷଜ୍ଞ, ପ୍ରଶାସକ ଓ କ୍ରୀଡ଼ାବିତ୍ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଧନ୍ୟବାଦ ଜଣାଇଥିଲେ।

# 'ଏଆଇ କ୍ଷେତ୍ରରେ ଛାତ୍ରୀଙ୍କ ସଶକ୍ତିକରଣ ପାଇଁ ଏକ ସ୍ୱତନ୍ତ୍ର ପଦକ୍ଷେପ'

ଭୁବନେଶ୍ୱର,(ଜା.ପ୍ର): ଉଚ୍ଚଶିକ୍ଷା ବିଭାଗ ଏବଂ ଏଡୁନେଟ୍ ଫାଉଣ୍ଡେସନ ମଧ୍ୟରେ ଆଜି ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣା ପତ୍ର ମାଧ୍ୟମରେ ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟମାନଙ୍କରେ ଅଧ୍ୟୟନରତ ଛାତ୍ରୀମାନଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନସ(ଏଆଇ), ଡାଟା ସାଇନ୍ସ, ମେସିନ ଲାର୍ନିଙ୍ଗ, ସାଇବର ସିକ୍ୟୁରିଟି, ପାଇଥନ ପ୍ରୋଗ୍ରାମ, ଡାଟା ଆନାଲିଟିକ୍ସ ଆଦି କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏଡୁନେଟ୍ ଫାଉଣ୍ଡେସନ ଏବଂ ମାଇକ୍ରୋସଫ୍ଟର ମିଳିତ ସହାୟତାରେ ଏହି ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ପାଠ୍ୟକ୍ରମ ଛାତ୍ରୀମାନଙ୍କୁ ପ୍ରଦାନ କରାଯିବ। ଛାତ୍ରୀମାନଙ୍କୁ ସମୁଦାୟ ୨୪୦ ଘଣ୍ଟାର ପାଠ୍ୟକ୍ରମ ଓ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଛାତ୍ରୀମାନଙ୍କ ପାଇଁ 'କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ମହିଳାଙ୍କ ପାଇଁ କ୍ୟାରିୟର ସୁଯୋଗ' ଶୀର୍ଷକ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମର ପ୍ରାବଧାନ ରହିବ। ଛାତ୍ରୀମାନଙ୍କୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧିତ ପ୍ରକଳ୍ପ (କ୍ୟାପ୍‌ଷ୍ଟୋନ ପ୍ରୋଜେକ୍ଟ)ରେ କାମ କରିବାକୁ ସୁଯୋଗ ପ୍ରଦାନ କରାଯିବ। ଏଥିସହ ଇଣ୍ଟର୍ନସିପ୍ ଓ ନିଯୁକ୍ତି ସୁଯୋଗ ମଧ୍ୟ ପ୍ରଦାନ କରାଯିବ। ଏହି ବୁଝାମଣା ପତ୍ର ସ୍ୱାକ୍ଷର ମାଧ୍ୟମରେ ପ୍ରତିବର୍ଷ ପ୍ରାୟ ୧,୦୦୦ଜଣ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରଶିକ୍ଷଣ ପରେ ଛାତ୍ରୀମାନଙ୍କୁ ଏଡୁନେଟ୍ ଫାଉଣ୍ଡେସନ ଏବଂ ମାଇକ୍ରୋସଫ୍ଟ ତରଫରୁ ସାର୍ଟିଫିକେଟ ମଧ୍ୟ ପ୍ରଦାନ କରାଯିବ। ଆଜିର ଏହି ବୁଝାମଣା ପତ୍ର ସ୍ୱାକ୍ଷର ସମାରୋହକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବିକାଶ ସହ ସେମାନଙ୍କୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିବା ଉପରେ ପ୍ରାଧାନ୍ୟ ଦିଆଯାଉଛି। ଛାତ୍ରୀମାନଙ୍କୁ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସଶକ୍ତ କରିବା ସହ ସେମାନଙ୍କୁ ଯେପରି ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇପାରିବ ସେ ଦିଗରେ ଗୁରୁତ୍ୱାରୋପ କରାଯାଉଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ମତପ୍ରକାଶ କରିଛନ୍ତି। ଆଜିର କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ସଚିବ ଅରବିନ୍ଦ ଅଗ୍ରୱାଲ, ଏଡୁନେଟ୍ ଫାଉଣ୍ଡେସନର ନିର୍ଦ୍ଦେଶକ ଆଶିଷ ଅରୋଡ଼ା, ଅତିରିକ୍ତ ଶାସନ ସଚିବ ପ୍ରତିଭା ସାହୁ, ଯୁଗ୍ମ ଶାସନ ସଚିବ ମୌସୁମୀ ନାୟକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀଙ୍କ 'ଫିଟ୍ ଇଣ୍ଡିଆ' ଦୃଷ୍ଟିକୋଣକୁ ଆଗେଇ ନେଉଛି 'ସାଇକେଲରେ ରବିବାର'

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାରେ ଏକ ସୁସ୍ଥ, ସବୁଜ ଏବଂ ଫିଟ୍ ଓଡ଼ିଶାର ପରିକଳ୍ପନାକୁ ସୁଦୃଢ଼ କରିବା ପାଇଁ 'ସାଇକେଲରେ ରବିବାର' କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। 'ଫିଟ୍ ଓଡ଼ିଶା' ଅଭିଯାନ ଅଧୀନରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସଚିବ ଭୂପେନ୍ଦ୍ର ସିଂ ପୁନିଆ ଏବଂ କ୍ରୀଡ଼ା ନିର୍ଦ୍ଦେଶକ ଡା. ୟେଦୁଲା ବିଜୟ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସାଇକେଲ ଶୋଭାଯାତ୍ରା ଡୁମୁଡୁମା ଛକରୁ ବାହାରି କିଡ୍ସ ହସ୍ପିଟାଲ ଦେଇ ଆମ୍ବେଦକର ଶିକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ଯାଇଥିଲା। ସମୁଦାୟ ୩.୫ କିଲୋମିଟର ପରିମିତ ରାସ୍ତାରେ ଏହି ସାଇକେଲ ରାଲି ଆୟୋଜିତ ହୋଇଥିଲା। 'ସାଇକେଲରେ ରବିବାର' କେବଳ ଏକ ସାଇକେଲ୍ ଚାଳନା କାର୍ଯ୍ୟକ୍ରମ ନୁହେଁ, ବରଂ ଏହା 'ଫିଟ୍ ଇଣ୍ଡିଆ ମିଶନ' ଅଧୀନରେ ଏକ ଦେଶବ୍ୟାପୀ ସ୍ୱାସ୍ଥ୍ୟ ଏବଂ ଫିଟନେସ୍ ଆନ୍ଦୋଳନ। 'ସାଇକେଲରେ ରବିବାର' ଭଳି ଅଭିଯାନ ମାଧ୍ୟମରେ ଓଡ଼ିଶା ସରକାର ନାଗରିକମାନଙ୍କୁ ପେଟ୍ରୋଲ୍ ଓ ଡିଜେଲ ଚାଳିତ ପରିବହନ ଉପରେ ନିର୍ଭରଶୀଳତା କମାଇବା, ମିତବ୍ୟୟିତା ଆପଣାଇବା ଏବଂ ଏକ ସ୍ୱଚ୍ଛ, ପ୍ରଦୂଷଣମୁକ୍ତ ଓ ସବୁଜ ପରିବେଶ ଗଠନରେ ଯୋଗଦାନ ଦେବା ପାଇଁ କ୍ରମାଗତ ଭାବେ ପ୍ରୋତ୍ସାହିତ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଫିଟ୍ ଇଣ୍ଡିଆ' ସହ ତାଳ ମିଳାଇ ଥିବାରୁ ସମର୍ଥିତ ଫିଟନେସ୍, ସ୍ଥାୟୀତ୍ୱ ଏବଂ ପରିବେଶ ପରିଚାଳନାଗତ ମୂଲ୍ୟବୋଧକୁ ସଂପୂର୍ଣ୍ଣ ଭାବେ ପ୍ରତିଫଳିତ କରୁଥିବାରୁ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନସ୍ସେସ୍ (କିସ୍ )ର ଯୁଗ୍ମ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନାଙ୍କୁ କ୍ରୀଡା ମନ୍ତ୍ରୀ ସମ୍ବର୍ଦ୍ଧିତ କରି ତା ସହ ତାଙ୍କୁ ଏକ ସମ୍ମାନଜନକ ସ୍ୱୀକୃତି ମଧ୍ୟ ପ୍ରଦାନ କରିଥିଲେ। ଏହି ସାଇକେଲ ଶୋଭାଯାତ୍ରାରେ ସିଆଇଏସ୍‌ଏଫ୍, ସିଆରପିଏଫ୍, ମାଇଁ ଭାରତ, ଏନ୍‌ଏସ୍‌ଏସ୍ ଓଡ଼ିଶାର ସ୍ୱେଚ୍ଛାସେବୀ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସ୍ୱେଚ୍ଛା ସେବକ, ବିଶିଷ୍ଟ କ୍ରୀଡ଼ାବିତ୍, ସାଇକେଲ ଚାଳନାର ପ୍ରସାର କରୁଥିବା ବ୍ୟକ୍ତିବିଶେଷ, ଯୁବପିଢ଼ି, ସ୍ୱାସ୍ଥ୍ୟ ସଚେତନ ନାଗରିକ ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଅତ୍ୟନ୍ତ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସାଇକେଲ ଚାଳନା ମାଧ୍ୟମରେ ସୁସ୍ଥ ଜୀବନଶୈଳୀ, ପରିବେଶ ସଚେତନତା ଏବଂ ଗୋଷ୍ଠୀଗତ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତେ ଏହି ଅଭିଯାନରେ ସାମିଲ ହୋଇଥିଲେ, ଯାହା ସମଗ୍ର ସମାଜ ପାଇଁ ଏକ ଅପୂର୍ବ ପ୍ରେରଣା ସୃଷ୍ଟି କରିଛି। ଏହି ସ୍ପେଶାଲ ରାଇଡ୍ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ବିଜୟ କୁମାର ସ୍ୱାଇଁ ଓ ସୁଧାକର ନାୟକଙ୍କ ସମେତ ଚିନ୍ତନ ଶିବିରରେ ଯୋଗଦେଇଥିବା ଚିଫ୍ ଷ୍ଟ୍ରାଟେଜିକ୍ ଅଫିସର, ପ୍ଲେଟ୍ରୋଇଟ୍ ଡକ୍ଟର ସଞ୍ଜନା କିରନ୍ ଏବଂ ଅନ୍ୟାନ୍ୟ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ।

# ଓଡ଼ିଶା ଓ ଜାପାନର ତତ୍ତୋରି ପ୍ରଦେଶ ସହିତ ଆଲୋଚନା

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶା ସରକାର ଏବଂ ଜାପାନର ତତ୍ତୋରି ସରକାରଙ୍କ ମଧ୍ୟରେ ପ୍ରସ୍ତାବିତ ମୈତ୍ରୀ ଚୁକ୍ତି ( ଫ୍ରେଣ୍ଡସିପ୍ ଏଗ୍ରିମେଣ୍ଟ ) ସମ୍ପର୍କିତ ଏକ ଅନଲାଇନ ବୈଠକ ଆଜି ଅନୁଷ୍ଠିତ ହୋଇଛି। ଉଭୟ ପକ୍ଷ ମଧ୍ୟରେ ଦୀର୍ଘମିଆଦୀ ସହଯୋଗ ଓ ପାରସ୍ପରିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ବିଭିନ୍ନ ବିଷୟ ଉପରେ ଫଳପ୍ରଦ ଆଲୋଚନା ହୋଇଥିଲା। ବୈଠକରେ ତତ୍ତୋରି ସରକାରଙ୍କ ପକ୍ଷରୁ ଓଡ଼ିଶା ସରକାରଙ୍କ ସହିତ ଅର୍ଥନୈତିକ ସହଯୋଗ, ପର୍ଯ୍ୟଟନ, ସାଂସ୍କୃତିକ ଆଦାନ-ପ୍ରଦାନ, ଛାତ୍ର ଓ ଯୁବ ବିନିମୟ, ଏବଂ ମାନବ ସମ୍ବଳ ବିକାଶ ଭଳି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଦିଆଯାଇଥିବା ମୈତ୍ରୀ ଚୁକ୍ତିର ଖସଡ଼ା ପ୍ରସ୍ତାବ ସଂପର୍କରେ ଆଲୋଚନା କରାଯାଇଥିଲା। ବୈଠକର ପ୍ରାରମ୍ଭରେ ଓଡ଼ିଶା ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ତତ୍ତୋରି ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବ ଏଣ୍ଡୋ ତୋଶିକି ଉଭୟ ସରକାରଙ୍କ ପକ୍ଷରୁ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ତତ୍ତୋରି ସରକାରଙ୍କ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ଓ ଆନ୍ତର୍ଜାତିକ ଆଦାନ-ପ୍ରଦାନ ବ୍ୟୁରୋ, ତତ୍ତୋରି ବିକାଶ କାର୍ଯ୍ୟାଳୟ, ଗୃହ ଓ ଆନ୍ତର୍ଜାତିକ ବ୍ୟାପାର ଡିଭିଜନ, ବାଣିଜ୍ୟ ଓ ଲଜିଷ୍ଟିକ୍ସ ବିଭାଗ ଆଦି ପଦାଧିକାରୀ ଏବଂ ଅନ୍ତର୍ଜାତୀୟ ସଂପର୍କ ସଂଯୋଜକ ଏବଂ ଜାପାନସ୍ଥିତ ଭାରତୀୟ ଦୂତାବାସର ପ୍ରତିନିଧି ମଧ୍ୟ ଯୋଗଦେଇଥିଲେ। ଲୋକସେବା ଭବନରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଗୃହ, ଶିଳ୍ପ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, କ୍ରୀଡ଼ା ଓ ଯୁବସେବା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ, ଇପିକଲର ପରିଚାଳନା ନିର୍ଦ୍ଦେଶକ ଓ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ଜାତୀୟ ଚେତନା
JATIYA CHETANA

# ବୁଡ଼ିଯାଉଥିବା ଜାହାଜ

ଭାରତୀୟ ରାଜନୀତିରେ ମୂଳରୁ ଜଣେ ସଂଗ୍ରାମୀ ତଥା ବିଦ୍ରୋହୀ ନେତ୍ରୀ ଭାବେ ମୁଣ୍ଡ ଟେକିଥିବା ମମତା ବାନାର୍ଜୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଶକ୍ତିଶାଳୀ ବିଜେପିକୁ ଦୀର୍ଘ ବର୍ଷ ଧରି ଯେଉଁଭଳି ଆହ୍ୱାନ ଦେଇଆସିଛନ୍ତି, ତାହା ସମଗ୍ର ଦେଶର ରାଜନୀତିରେ ଏକ ବିରଳ ଦୃଷ୍ଟାନ୍ତ। ମମତା ନିଜେ କଂଗ୍ରେସ ଦଳରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରି ଏକ ସମୟରେ କେନ୍ଦ୍ରମନ୍ତ୍ରୀ ମଧ୍ୟ ହୋଇଥିଲେ। କିନ୍ତୁ ପଶ୍ଚିମବଙ୍ଗରେ ସିପିଏମ୍ ନେତୃତ୍ୱାଧୀନ ବାମପନ୍ଥୀ ମୋର୍ଚ୍ଚାର ଦୀର୍ଘ ଶାସନକୁ କଂଗ୍ରେସ ହଟାଇ ନପାରିବାରୁ, ସେ ଦଳ ଛାଡ଼ି ନିଜର ଆଞ୍ଚଳିକ ଦଳ 'ତୃଣମୂଳ କଂଗ୍ରେସ' (ଟିଏମସି) ଗଠନ କଲେ। ତାଙ୍କରି ଜରିଆରେ ସେ ବାମପନ୍ଥୀ ସରକାର ବିରୁଦ୍ଧରେ କ୍ରମାଗତ ଲଢ଼େଇ କରି ୩୪ ବର୍ଷର ସୁଦୃଢ଼ ବାମପନ୍ଥୀ ଶାସନର ଅନ୍ତ ଘଟାଇଥିଲେ, ଯାହା ତାଙ୍କ ଦକ୍ଷତାକୁ ଜାତୀୟ ସ୍ତରରେ ସାବ୍ୟସ୍ତ କରିଥିଲା। ଏହା ସହ କ୍ରମାଗତ ଭାବେ ତାଙ୍କ ନେତୃତ୍ୱରେ ତୃଣମୂଳ କଂଗ୍ରେସ ଦୀର୍ଘ ଦିନ ଧରି ପଶ୍ଚିମବଙ୍ଗରେ କ୍ଷମତାରେ ରହିଆସିଛି। ତେବେ ବର୍ତ୍ତମାନ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ପଦରୁ ସିଧାସଳଖ ଏବେ ମମତା ବାନାର୍ଜୀ ଓ ତାଙ୍କ ଦ୍ୱାରା ଗଠିତ ତୃଣମୂଳ କଂଗ୍ରେସ ଦଳର ସୁପ୍ରିମୋ ହୋଇ ରହିବେ କି ନାହିଁ, ସେ ସମ୍ପର୍କରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ରାଜ୍ୟ ବିଧାନସଭାରେ ତାଙ୍କ ଦଳ ଏବେ ଏକ ବିଭାଜିତ ଅବସ୍ଥାକୁ ଆସିଯାଇଛି। ତୃଣମୂଳ କଂଗ୍ରେସର ମୋଟ ବିଧାୟକଙ୍କ ମଧ୍ୟରୁ ଅଧିକାଂଶ ନିଜକୁ ପ୍ରକୃତ ତୃଣମୂଳ କଂଗ୍ରେସ ବିଧାୟକ ଦଳ ବୋଲି ଦାବି କରି ଶୁଭେନ୍ଦୁ ଅଧିକାରୀଙ୍କୁ ନିଜର ନେତା ଭାବେ ନିର୍ବାଚିତ କରିଛନ୍ତି ଏବଂ ରାଜ୍ୟ ବିଧାନସଭାର ବାଚସ୍ପତି ମଧ୍ୟ ତାଙ୍କୁ ସ୍ୱୀକୃତି ଦେଇଛନ୍ତି। ପଶ୍ଚିମବଙ୍ଗର ଏହି ରାଜନୈତିକ ବିଦ୍ରୋହ ମହାରାଷ୍ଟ୍ରର ଶିବସେନା ଘଟଣା ସହ ତୁଳନୀୟ, ଯେଉଁଠାରେ ଦଳରେ ବିଦ୍ରୋହ ଘଟି ବିଜେପି ସମର୍ଥନରେ ଏକନାଥ ସିନ୍ଦେ ଅସଲ ଶିବସେନାର ସ୍ୱୀକୃତି ହାସଲ କରିଥିଲେ। ବିଜେପି ସେହିପରି ଭାବେ ବିରୋଧୀ ଦଳଗୁଡ଼ିକୁ ଚାପରେ ରଖୁଛି ଓ ସେଥିରେ ବିଭାଜନ କରାଉଛି ବୋଲି ସ୍ପଷ୍ଟ ଜଣାପଡୁଛି। ଏବେ ଚର୍ଚ୍ଚା ହେଉଛି ଯେ ଆମ ଆଦମୀ ପାର୍ଟିର ରାଘବ ଚଢ଼ା ମଡେଲକୁ କାର୍ଯ୍ୟକାରୀ କରାଯାଇ ସେହି ଢଙ୍ଗରେ ତୃଣମୂଳ କଂଗ୍ରେସର ସାଂସଦମାନଙ୍କୁ ବିଜେପି ନିଜ ଆଡ଼କୁ ନେଇଯାଇପାରେ।

୨୦୧୪ରେ କେନ୍ଦ୍ରରେ ବିଜେପି କ୍ଷମତାକୁ ଆସିବା ପରେ ଲଗାତାର ଭାବେ ସାଧାରଣ ନିର୍ବାଚନ ବିଜୟ ହାସଲ କରି ବିଜେପି ଏବେ ଦେଶର ସର୍ବାଧିକ ରାଜ୍ୟରେ ଏକାକୀ ବା ସହଯୋଗୀମାନଙ୍କ ସହ ସରକାର ଗଢ଼ିବାରେ ସକ୍ଷମ ହେବା ମୋଦୀଙ୍କ ନେତୃତ୍ୱର ଗ୍ରହଣୀୟତାକୁ ଦେଖାଉଛି। ଅଣ-ବିଜେପି ଶାସିତ ରାଜ୍ୟଗୁଡ଼ିକୁ ବିଜେପି ଦଖଲକୁ ଆଣିବା ପାଇଁ ଯେଉଁ ଉଦ୍ୟମ ଚାଲିଛି, ସେଥିରେ ନିକଟରେ ଅନୁଷ୍ଠିତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ପରାଜୟ ଓ ବିଜେପିର ବିପୁଳ ବିଜୟ ମୋଦୀଙ୍କ ପତିଆରାକୁ ଆହୁରି ବଢ଼ାଇଦେଇଛି। ଦେଶରେ ବିରୋଧୀ ଦଳଗୁଡ଼ିକ ମୋଦୀ ନେତୃତ୍ୱାଧୀନ ବିଜେପିକୁ ଟକ୍କର ଦେଇପାରୁନଥିବା ବେଳେ କେବଳ ମମତା ବାନାର୍ଜୀ ଅସୀମ ସାହସର ସହ ବିଜେପି ବିରୁଦ୍ଧରେ ଲଢ଼େଇ କରିଆସୁଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହା ରାଜ୍ୟରେ ବିଜେପିର ସାଂଗଠନିକ ଶକ୍ତି ବଢ଼ାଇ ତାଙ୍କୁ ତୃଣମୂଳ କଂଗ୍ରେସର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଦଳରେ ପରିଣତ କରିବା ପାଇଁ ଗତ ବିଧାନସଭା ନିର୍ବାଚନରେ ସମଗ୍ର ସରକାରୀ ବ୍ୟବସ୍ଥାକୁ ଲଗାଇଥିଲେ। ନିର୍ବାଚନ କମିଶନଙ୍କ ଜରିଆରେ ରାଜ୍ୟରେ ଏପରିକି ଏକ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କରି ବହୁ ସଂଖ୍ୟକ ଲୋକଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଇ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ମମତାଙ୍କ ବିରୋଧରେ ବ୍ୟବହାର କରାଯାଇଥିଲା, ଯାହା ମମତାଙ୍କୁ ଚାପଗ୍ରସ୍ତ କରିଥିଲା।

ଅବଶ୍ୟ ଦୀର୍ଘଦିନ ଶାସନରେ ରହିବା ମଧ୍ୟରେ ସାଧାରଣ ଅସନ୍ତୋଷ ବି ସରକାରଙ୍କ ବିରୋଧରେ ରହିଥିଲା। ମମତା ମୁସଲମାନ ଭୋଟବ୍ୟାଙ୍କ ସାଜି ରହିବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ବିଜେପିର ଚିତ୍ରଣ ଓ ହିନ୍ଦୁ ଭୋଟରଙ୍କୁ ନିଜ ସହ ନେବା ଲାଗି ସମସ୍ତ ଉଦ୍ୟମ ଭୋଟ୍ ପଲାକୁ ପ୍ରଭାବିତ କଲା। ମମତା ନିଜେ ମଧ୍ୟ ତାଙ୍କ ନିର୍ବାଚନ ମଣ୍ଡଳୀ ଭବାନୀପୁରରେ ଏବେ ବିଜେପିର ମୁଖ୍ୟମନ୍ତ୍ରୀ ଚେହେରା ଶୁଭେନ୍ଦୁ ଅଧିକାରୀଙ୍କଠାରୁ ହାରିଗଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ମମତା ତାଙ୍କ ପରାଜୟକୁ ସ୍ୱୀକାର କଲେ ନାହିଁ ଓ ବିଜେପି ଜାଲିଆତି ଦ୍ୱାରା ଜିତିଛି ବୋଲି ଯୁକ୍ତି କରି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ନାହିଁ, ଯାହା ଆନୁଷ୍ଠାନିକ ଆବଶ୍ୟକତା ଥିଲା। ନିର୍ବାଚନ ପରାଜୟ ଠାରୁ ମମତା ଓ ଦଳରେ ତାଙ୍କର ଉତ୍ତରାଧିକାରୀ କୁହାଯାଉଥିବା ଅଭିଷେକ ବାନାର୍ଜୀ ବିରୋଧୀ ଦଳ ଭାବେ କାମ କରିବାକୁ ସ୍ଥିର କରିବା ନିଶ୍ଚିତ ଭାବେ ବିଜେପିକୁ ମମତାଙ୍କ ଦଳକୁ କୌଣସିମତେ ଆହୁରି ଦୁର୍ବଳ କରିବା ପାଇଁ ବାଟ କଢ଼ାଇଲା। ସେଥିପାଇଁ ବିଭିନ୍ନ ରାଜ୍ୟରେ ବିଜେପି ବିରୋଧୀ ଦଳଗୁଡ଼ିକୁ ବିଭାଜିତ କରାଇଆସୁଛି; ଯେପରି ମହାରାଷ୍ଟ୍ରରେ ଶିବସେନା ଓ ଏନସିପି ବିଭାଜନ ଏବଂ ବିଦ୍ରୋହୀ ଗୋଷ୍ଠୀମାନେ ରାଜ୍ୟରେ ବିଜେପି ନେତୃତ୍ୱାଧୀନ ସରକାରରେ ଅଂଶୀଦାର ହେବା। ସେହିପରି ଓଡ଼ିଶାରେ ବିଜେଡିର ତିନି ଜଣ ରାଜ୍ୟସଭା ସାଂସଦଙ୍କୁ ଦଳରୁ ଇସ୍ତଫା ଦିଆଇ ବିଜେପି ଟିକେଟରେ ପୁନଃ ନିର୍ବାଚିତ କରାଇବା ଏବଂ ବିଜେଡିର କିଛି ବିଧାୟକଙ୍କୁ ଗତ ରାଜ୍ୟସଭା ନିର୍ବାଚନରେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ବିପ୍ଳବ ରାୟଙ୍କ ସପକ୍ଷରେ ପରୋକ୍ଷରେ ଭୋଟ୍ ଦିଆଇବା, ଦିଲ୍ଲୀରେ ଆମ ଆଦମୀ ପାର୍ଟିର ରାଜ୍ୟସଭା ସାଂସଦମାନଙ୍କୁ ନିଜ ପଟକୁ ନେବା ଆଦି ଘଟଣାଗୁଡ଼ିକ ସ୍ପଷ୍ଟ ବୁଝାଇଦିଏ ଯେ ବିଜେପି ବିରୋଧୀ ଦଳଗୁଡ଼ିକୁ ବିଭାଜିତ କରିବାକୁ ଚାହୁଁଛି। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସରେ ମମତା କ୍ଷମତାରେ ଥିବାବେଳେ ତାଙ୍କର ପୂର୍ଣ୍ଣ ଆଧିପତ୍ୟ ବଜାୟ ରହିଥିଲା। ଅତୀତରେ ଏଥିପାଇଁ ଅନେକ ନେତା ଦଳ ଛାଡ଼ି ବିଜେପି କୋଳକୁ ଚାଲିଯାଇଛନ୍ତି। ଏବେକାର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମଧ୍ୟ ତୃଣମୂଳ କଂଗ୍ରେସରେ ମମତାଙ୍କ ମନ୍ତ୍ରୀ ଥିଲେ। କିନ୍ତୁ ଯେହେତୁ ଏବେ ମମତା କ୍ଷମତାରୁ ଚାଲିଯାଇଛନ୍ତି ଓ ବିଦ୍ରୋହୀମାନେ ବିଜେପିର ସମର୍ଥନ ପାଉଛନ୍ତି, ସେ କାରଣରୁ ତାଙ୍କୁ ଦଳ ସୁସଂଗଠିତ ରଖିବା କଷ୍ଟକର ହୋଇପାରେ। ତଥାପି ମମତାଙ୍କ ଭଳି ଜିଦ୍‌ଖୋର ନେତ୍ରୀ ବିନା ଲଢ଼େଇରେ ଛାଡ଼ିଦେବା ସମ୍ଭାବନା ନାହିଁ। ଭାରତୀୟ ରାଜନୀତିରେ ସବୁବେଳେ ଦେଖାଦେଇଛି ପରାଜିତ ଦଳଗୁଡ଼ିକୁ ବୁଡ଼ି ଯାଉଥିବା ଜାହାଜ ଭାବି ମୁଣ୍ଡ ଟେକୁଥିବା ଚଳନ୍ତି ନେତାମାନେ ଚାଲିଯାଆନ୍ତି। ଆନୁଗତ୍ୟର ଯୌକ୍ତିକତାକୁ ସେମାନେ ଭୁଲିଯାଆନ୍ତି।

# ଧର୍ମର ମୁଖା ଓ ବିବେକର ଜାଗରଣ

## ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ଧର୍ମ ଏକ ବ୍ୟାପକ ଶବ୍ଦ। ଏହାକୁ ସଠିକ୍ ଭାବେ ଅନୁଶୀଳନ କଲେ ଆପେ ଆପେ ବୁଝି ହୋଇଯାଏ ତାହାର ମର୍ମାର୍ଥ, ସେହି ଶବ୍ଦରେ ନିହିତ ଥିବା ଗୂଢ଼ ଅର୍ଥ। ଏହା କେତେବେଳେ ଭୂଖଣ୍ଡ କିମ୍ବା କୌଣସି ଏକ ଜଡ଼ ଚେତନ ବସ୍ତୁ ଅଥବା ଉଦ୍ଭିଦ କି ପ୍ରାଣୀର ଗୁଣ ବା ସ୍ୱଭାବକୁ ତ କେତେବେଳେ ମନୁଷ୍ୟର ଦେଶ ଏବଂ କାଳର ଆଚରଣ ଅଥବା ପ୍ରବଣତାକୁ ବୁଝାଇଥାଏ। ଏହାର ଅର୍ଥ କେତେବେଳେ ହୁଏ ସୃଷ୍ଟିର ଈଶ୍ୱର ଓ ପରଲୋକ ବିଷୟକ ନିର୍ଦ୍ଦେଶ ଓ ତତ୍ତ୍ୱ ତ ଆଉ କେତେବେଳେ ଏହାର ଅର୍ଥ ବୁଝାଏ ପରମ୍ପରାଗତ ସାମାଜିକ ଆଚାର ଅନୁଷ୍ଠାନ ବା ବିହିତ କର୍ମକୁ। ସଠିକ୍ ଅର୍ଥରେ କହିବାକୁ ଗଲେ, ସମାଜ ହିତକର ବିଧି ବିଧାନ ହେଉଛି ଧର୍ମ। ଅନ୍ୟାର୍ଥରେ କହିଲେ, ମାନବ ହିତରେ କରା ଯାଉଥିବା ପ୍ରତିଟି ପୁଣ୍ୟକର୍ମ ହେଉଛି ଧର୍ମ। ଆମ ପୂର୍ବଜମାନେ ମଧ୍ୟ କହି ଯାଇଛନ୍ତି 'ଧାରୟତି ଇତି ଧର୍ମ', ଅର୍ଥାତ୍ ଯିଏ/ ଯାହା ଧାରଣ କରେ, ତାହା ହିଁ ଧର୍ମ।

ଧର୍ମର ସଂଜ୍ଞା ନିରୂପଣ କରିବାକୁ ଯାଇ ମହର୍ଷି କଣାଦ କହିଛନ୍ତି, 'ଯତୋ ଅଭ୍ୟୁଦୟ-ନିଶ୍ରେୟସ-ସିଦ୍ଧିଃ, ସ ଧର୍ମଃ।' ଅର୍ଥାତ୍, ଯାହା ଭୌତିକ, ଆଧ୍ୟାତ୍ମିକ ତଥା ଭାବଗତ ଉତ୍ଥାନ, ଅଗ୍ରଗତି ଏବଂ ସଫଳତା ଦେଇଥାଏ; ତାହା ହିଁ ଧର୍ମ। ଗଣଶଙ୍କ ମତରେ 'ସୁଖସ୍ୟ ମୂଳମ୍ ଧର୍ମଃ।' ଅର୍ଥାତ୍, ସମସ୍ତ ସୁଖର ମୂଳ ହେଉଛି ଧର୍ମ। ସଠିକ୍ ଅର୍ଥରେ କହିବାକୁ ଗଲେ, ଯାହା ମନିଷ୍ୟ ବା ମାନବେତର ପ୍ରାଣୀମାନଙ୍କୁ ସୁଖ ପ୍ରଦାନ କରେ, ତାହା ହେଉଛି ଧର୍ମ ଆଉ କାୟ-ମନୋ-ବାକ୍ୟରେ ଯିଏ ଆପଣାର ଧର୍ମ ପାଳନ କରୁଥାଏ ଅଥବା ଧର୍ମ ପରାୟଣ ହୋଇଥାଏ, ସେମିତି ମଣିଷକୁ କୁହାଯାଏ ଧାର୍ମିକ। ତେବେ ଏଭଳି କୋଉ ଧର୍ମ ପାଳନ କରୁଥିବା ମଣିଷକୁ ଆମେ ଧାର୍ମିକ କହିବା ? ତାହା ପ୍ରକୃତିନ୍ୟସ୍ତ ଧର୍ମ ନା ମାନବସୃଷ୍ଟ ଧର୍ମ ?

ସମଗ୍ର ବିଶ୍ୱରେ ଆମେ ମଣିଷମାନେ ଯେଉଁ ଧର୍ମର ସୁରକ୍ଷା ଅଥବା ପାଳନ ପାଇଁ ଆଜି ପରସ୍ପର ସହିତ କଳହ/ ସଂଘର୍ଷରତ, ସେଇ ଧର୍ମ ହେଉଛି ମାନବ ସୃଷ୍ଟ। ଏହା ଅବଶ୍ୟ ପରିବର୍ତ୍ତନଶୀଳ। ଯେ କୌଣସି ଏବଂ ଧର୍ମାବଲମ୍ବୀ ପରିବାରରେ ଜନ୍ମିତ ହୋଇଥାଉ ନା କାହିଁକି, ଜଣେ ଚାହିଁଲେ ସେ ପାଳନ କରି ଆସୁଥିବା ତା'ର ଧର୍ମକୁ ଯେ କୌଣସି ସମୟରେ ବଦଳେଇ ଆପଣା ମନ ପସନ୍ଦର ଏକ ନୂତନ ଧର୍ମରେ ଦୀକ୍ଷିତ ହୋଇ ପାଳନ କରିପାରେ। ଗଭୀର ଆସ୍ଥା ଏବଂ ବିଶ୍ୱାସକୁ ପାଥେୟ କରି ଏଇ ଧର୍ମ ତିଷ୍ଠି ରହିଥାଏ। ମାନବ ସୃଷ୍ଟ ଯେ କୌଣସି ଏକ ଧର୍ମ ପଛକୁ ମଣିଷ ଯଦି ଅନ୍ଧ ଆପ୍ତ ହେଲେ ବସେ, ତେବେ ଧାର୍ମିକ ସଂପର୍କ ହ୍ରାସେଲୁଠୁ ବେଶି ବୋଲି ଲାଗେନାହିଁ। ଏହା କେବେହେଲେ ସାର୍ବଜନୀନ ମାନିଷ୍ୟ ଧର୍ମ ନୁହେଁ, ଏହା ନିଶ୍ଚିତ ରୂପେ ଗୋଟିଏ ଗୋଟିଏ ଗୋଷ୍ଠୀ/ ସଂପ୍ରଦାୟର ଧର୍ମ।

ଅପର ପକ୍ଷରେ, ପ୍ରକୃତି ନ୍ୟସ୍ତ ବା ଈଶ୍ୱରଦତ୍ତ ଧର୍ମ ହେଉଛି ଅପରିବର୍ତ୍ତନୀୟ। ଏଇ ଧର୍ମରେ ଆବଦ୍ଧ ରହିଥିବା ପ୍ରତିଟି ବସ୍ତୁ, ସିଏ ସଜୀବ ହେଉ କି ନିର୍ଜୀବ, ପ୍ରାଣୀ ହେଉ କି ଉଦ୍ଭିଦ, ଗ୍ରହ ହେଉ କି ନକ୍ଷତ୍ର, ସମସ୍ତେ ଆପଣା ଆପଣାର ଗୁଣ/ ସ୍ୱଭାବ/ ଧର୍ମ ଦ୍ୱାରା ସୃଷ୍ଟି ପରିଚାଳିତ ଶୋଭା ଆୟୁଷ୍କୃତି। ସହାକ୍ ବଦଳେଇବା ମଣିଷର ସ୍ୱାଧୀନତା। ତେଣୁ ପ୍ରକୃତି ଦ୍ୱାରା ମଣିଷମାନଙ୍କ ପାଇଁ ଧାର୍ଯ୍ୟ କରା ଯାଇଥିବା ନୀତି, ନିୟମ ବା ଧର୍ମ ହେଉଛି ମାନବ ଧର୍ମ। ସ୍ନେହଶ୍ରଦ୍ଧା, ଦୟାକ୍ଷମା ଭଳି ମହତ ଗୁଣସମୂହ ସମଗ୍ର ବିଶ୍ୱର ପ୍ରତିଟି ମଣିଷଙ୍କ ପାଖରେ କୁଣ୍ଠୁ ସ୍ଥିତି ରହିଥାଏ, ଯାହା କଦାପି ବଦଳିବାର ସମ୍ଭାବନା ଥାଏ। ସେଇଥିପାଇଁ ତ କୁହାଯାଏ, 'ପ୍ରକୃତି ନିଏ ମୃତ୍ୟୁତେ। ସଦି ସୁଯୋଗେ ସେହି ସେହି।' ପ୍ରକୃତି (ସ୍ୱଭାବ, ଚରିତ୍ର ବା ଧର୍ମ) ବଦଳେ ନାହିଁ। ଯଦି ବଦଳେ ତ ଆସ୍ତେ ଆସ୍ତେ ବା ମନ୍ଥର ଗତିରେ।

ବଡ଼ ଦୁଃଖର କଥା ଏହା ଯେ ଆଜିକାଲି ଧର୍ମ ନାମରେ ଯେଉଁତାୟ ରାଜନୀତି ଚାଲିଛି ଦେଶେ ଦେଶେ, ଆଉ ତତ୍ର ସର୍ବତ୍ର। ଧର୍ମର ସୁରକ୍ଷା ଓ ପ୍ରତିଷ୍ଠା ନାମରେ ପ୍ରଦର୍ଶିତ ହେଉଛି ସଶସ୍ତ୍ର ହିଂସା, ଗୋଷ୍ଠୀ କନ୍ଦଳ। ସମଗ୍ର ପୃଥିବୀବାସୀଙ୍କ ଏତାଦୃଶ କ୍ରୁର ଆଚରଣ ଦେଖିଲେ ନିଜକୁ ମଣିଷ ବୋଲି ପରିଚୟ ଦେବାକୁ ଲାଜ ଲାଗେ। ଧାର୍ମିକ ଦଙ୍ଗା, ହତ୍ୟା, ଦିଗ୍‌ଦିଗନ୍ତ କା'ଣ ମଣିଷର ପ୍ରକୃତ ଧର୍ମ ? ରକ୍ତ ହିଂସା ପ୍ରଦର୍ଶନ ଦ୍ୱାରା ଜିପରି ଭାବେ, କେଉଁ ଧର୍ମ ପ୍ରତିଷ୍ଠିତ ହୁଏ ? ଏହା କେବଳ କିଛି ବିକୃତ ମସ୍ତିଷ୍କ ମଣିଷଙ୍କ ମାରାତ୍ମକ କର୍ମ। ଏହା ଦ୍ୱାରା କୌଣସି ଧର୍ମ ପ୍ରତିଷ୍ଠିତ ହୁଏ ନାହିଁ। ବରଂ ମାନବ ସଭ୍ୟତା ଅଥରେ ଧ୍ୱଂସ ହୁଏ।

ଧର୍ମକୁ ବୁଝିବାକୁ ହେଲେ ଗଭୀର ଭାବେ ଜୀବନକୁ ଅଧ୍ୟୟନ ଆଉ ଅନୁଶୀଳନ କରିବାକୁ ପଡ଼େ। ଯିଏ ଅନ୍ୟର ଆତ୍ମାକୁ ଚିହ୍ନି ପାରେନାହିଁ, ସିଏ ମଣିଷର ଧର୍ମକୁ କା'ଣ ଜାଣିବ ? ତେଣୁ ପ୍ରଥମେ ମଣିଷ ହୁଅ। ପରେ କୋଉ ଧର୍ମ ପାଳନ କରିବ କି ଧାର୍ମିକ ବୋଲାଇବ, ତାହା ସ୍ଥିର କରିବ। ଆଜିକାଲି ବିଶ୍ୱର ପ୍ରତିଟି ଧର୍ମରେ ଆତ୍ମଘୋଷିତ ତଥାକଥିତ ଗୁରୁମାନଙ୍କର ଅଭାବ ନାହିଁ, ଯେଉଁମାନେ ନିଜର ସୀମିତ ଦୃଷ୍ଟିକୋଣକୁ ନେଇ ଧର୍ମର ବ୍ୟାଖ୍ୟା କରିବାକୁ ଯାଇ ମଣିଷ ମନରେ ମଣିଷମାନଙ୍କ ପ୍ରତି ଘୃଣାଭାବ ସୃଷ୍ଟି କରି ଚାଲିଛନ୍ତି। ବାସ୍ତବରେ ସେମାନେ ସମସ୍ତେ କା'ଣ ଧର୍ମର ପ୍ରକୃତ ମର୍ମାର୍ଥ ବୁଝି ପାରିଛନ୍ତି ? କେଜାଣି, ବୁଝିଥାଇ ପାରନ୍ତି। ହେଲେ ତାଙ୍କର ଆଚରଣ ଏବଂ ଉଚ୍ଚାରଣକୁ ପରଖି ଦେଖିଲେ ମନରେ ସନ୍ଦେହ ଜାତ ହେବା ସ୍ୱାଭାବିକ।

ମାଟି ଉପରେ ଥାଇ ପହଁରିବା କୌଶଳ ଶିଖେଇ ଦେଇ ପାରିବେ ଯେ କୌଣସି ଲୋକ। ଏସବୁ 'ପହଁରା ଶିଖିବାର କଳା ଓ କୌଶଳ' ନାମକ ବହିରେ ବିସ୍ତୃତ ବର୍ଣ୍ଣନା ସହିତ ସୁନ୍ଦର ସୁନ୍ଦର ଭାବେ ଲେଖା ଯାଇଛି। ହେଲେ ବାସ୍ତବ ଜୀବନରେ ତା'ର ମାନେ କ'ଣ ? ଏଇ ପୁସ୍ତକଲବ୍ଧ ଜ୍ଞାନ କ'ଣ ବାସ୍ତବରେ କାମରେ ଲାଗିପାରେ ଅଥଳ ଜଳକୁ ଓହ୍ଲାଇବା ପରେ ? ମାଟି ଉପରର ପରିବେଶ କି ପରିସ୍ଥିତି ନଥାଏ ପାଣି ଭିତରେ। ଯଦି ପାଣି ପହଁରିବାର ପ୍ରୟୋଗାତ୍ମକ ବା ବ୍ୟାବହାରିକ ଜ୍ଞାନ ଆପଣଙ୍କ ପାଖରେ ନାହିଁ, ତେବେ ମିଳି ଜ୍ଞାନ ଆପଣଙ୍କରେ ଅଥଳ ଜଳରେ ବୁଡ଼ି ମରିବା ସାର ହୁଏ ସହା। ତେଣୁ ପ୍ରଥମେ ମଣିଷକୁ ଭଲ ପାଇବା ଅଭ୍ୟାସ କରିବା ଉଚିତ। ତଦୁପରାନ୍ତେ ଧର୍ମ ଚର୍ଚ୍ଚା କଲେ ସୁଫଳ ହେବ।

ଧର୍ମ ବିଷୟରେ ଆଲୋଚନା କି ସମାଲୋଚନା କଲାବେଳେ ପୋଥି ପୁରାଣର ଉଦାହରଣ ଦେଇ ମୁଖ ଚେହି ଡାଙ୍ଗରା ବୋଲାଉ ପଶୁକ୍ଷପା ଦିଅନ୍ତି ନାହିଁ ଆମ ଭିତରୁ ଅନେକ ଲୋକ, ତଥାକଥିତ ପ୍ରାଜ୍ଞ ପୁରୁଷମାନେ। ବାସ୍ତବରେ ଦେଖିବାକୁ ଗଲେ, ଏଇ ପୁସ୍ତକଲବ୍ଧ ଜ୍ଞାନ ତିକକ ହେଉଛି ଲେଖକର ଲେଖନୀଚାଳନାର ଅନ୍ଧ ସ୍ୱୀକୃତି। ତା' ବ୍ୟତୀତ ଅନ୍ୟ କିଛି ନୁହେଁ। ପୁସ୍ତକରେ ଲିପିବଦ୍ଧ ଥିବା ସବୁତକ ଜ୍ଞାନ ଯେ ଅକାଟ୍ୟ, ଏହାର କିଛି ସ୍ଥିର ନିଶ୍ଚିତତା ଅଛି କି ? ଏହା ଅବଶ୍ୟ ଏକ ଯୁଗ ସତ୍ୟ ଯେ ଲେଖକଟିଏ ଯାହା ଲେଖେ, ତାହା ତା'ର ଅନୁଭୂତିସିଦ୍ଧ ଅଥବା ଭ୍ରମାତ୍ମକ କଳ୍ପନା ପ୍ରସୂତ ହୋଇପାରେ। ତାକୁ କାୟ-ମନୋ-ବାକ୍ୟରେ ଆମେ ଗ୍ରହଣ କରିବା ପୂର୍ବରୁ ତା'ର ସତ୍ୟାସତ୍ୟ ପରଖି ନେବାରେ ଅସୁବିଧା କ'ଣ ?

ଲମ୍ବା ଦାଢ଼ି ରଖିଦେଲେ କି ଜଟାଜୁଟ ମସ୍ତିଷ୍କ ହୋଇଗଲେ କେହି କେବେ ହୋଇଯାଏ ନାହିଁ ଯୋଗୀ, ସନ୍ନ୍ୟାସୀ କି ଋଷି ମୁନି। ଅଥବା ନିତିଦିନ ଧୋତି ପିନ୍ଧି ହାତରେ କୌଣସି ଦେବପୂଜାକୁ ଯାଉଥିବା ଲୋକଟି ହୋଇଯାଏ ନାହିଁ ଧାର୍ମିକ। ଏମିତିରେ ତ ମାଲମାଲ ସ୍ୱଘୋଷିତ ଭଗବାନ/ ଭଗବାନ ମହିମା ମଣ୍ଡିତ ହୋଇ ବୁଲୁଛନ୍ତି ଏଇ ସସାଗରା ଧରା ବୁକୁରେ। ଧର୍ମକୁ ନେଇ ବେପାର/ ବ୍ୟବସାୟ କରୁଥିବା ଲୋକଙ୍କର ବି ଅଭାବ ନାହିଁ। ବଡ଼ ବଡ଼ କଥା ହାକୁଥିବା ନୀତି ନୈତିକତା ବର୍ଜିତ ଅନେକ ମହାନ ପୁରୁଷ ଅଛନ୍ତି, ଯେଉଁମାନଙ୍କ ଅନ୍ଧ ଅନୁଗାମୀ ବି ଅଭାବ ନାହାନ୍ତି ସାରା ସଂସାରରେ। ସେଇ ଭକ୍ତମାନଙ୍କ ଭିତରୁ ଅନେକେ ତ ଏବେ ଶୋଭା ବର୍ଦ୍ଧନ କରୁଛନ୍ତି ଦେଶ ବିଦେଶରେ ରହିଥିବା ବନ୍ଦୀଶାଳାମାନଙ୍କର। ଏଇ କପଟାଚାରୀଙ୍କ ପାଇଁ ନିନ୍ଦିତ ହେଉଛନ୍ତି ଅସଲି ସାଧୁ ସନ୍ଥ, ଏପରିକି ସେମାନେ ପ୍ରଚାର କରୁଥିବା ଧର୍ମ ମଧ୍ୟ। ତେବେ ଏଇ ଭକ୍ତ ବାବାମାନଙ୍କ ଚିନ୍ତାର ସରଳ ସୂତ୍ର କିଛି ଅଛି କି ? ଯେଉଁଥିପାଇଁ ସେମିତି କିଛି ନାହିଁ। କାହିଁକି ନା ସେମାନଙ୍କୁ ଆଜି ଆମେ ଉଚ୍ଚ ପାହାଚରେ ବେଲି ନିନ୍ଦୁଛେ, ସେମାନେ ବି ଦିନେ ଆମ ସମସ୍ତଙ୍କ ଥିଲେ ନମସ୍ୟ, ଆଦରର ଧନ। ଥିଲେ ମଧ୍ୟ ଆମ ସମଗ୍ରଙ୍କ ପାଇଁ ଆଦର୍ଶ। ତାଙ୍କ ବଚନ ଅମୃତ ପାନ କରିବାକୁ ଥିଲେ ମଧ୍ୟ ଆମେ ସମସ୍ତେ ଅତ୍ୟନ୍ତ ଲାଳାୟିତ। ତାଙ୍କ ମୁଖ ସୃତିତ ବାଣୀ ଥିଲା ଆମ ସମସ୍ତଙ୍କ ପାଇଁ ଅଲଂଘ୍ୟ ବେଦବାକ୍ୟ। ସେମାନଙ୍କ ଶିଷ୍ୟ ହେବାକୁ ଆମେ ଗୌରବ ମଣୁଥିଲୁ ସେତେବେଳେ। ହେଲେ ତାଙ୍କର କଳା କାରନାମା ଆଖି ଖୋଲି ସାରିଛି ସେମାନଙ୍କ ମୁଖା, ପରନ୍ତୁ ପରସ୍ତ ମୁଖା। ତଥାପି ମଣିଷମାନଙ୍କୁ ଭକ୍ତିଗା ପାଇଁ, ଅନ୍ଧତ୍ୱ ଲାଭ ପର୍ଯ୍ୟନ୍ତ ଅନୁଗତ ମେଣ୍ଢା ବନେଇ ରଖିବା ପାଇଁ ଧର୍ମର ବ୍ୟାଧି ଦେଇ ଚାଲିଛନ୍ତି ତଥାକଥିତ ବହୁରୂପୀମାନେ, ସୂର୍ଯ୍ୟସର୍ବସ୍ୱ ରାଜନୈତିକ ତଥା ଧାର୍ମିକ ନେତାମାନେ।

ଆବ୍ରାହମ୍ ଲିଙ୍କନ୍ କହିଛନ୍ତି, 'ଡାର୍ମ ସମଗ୍ର ପର୍ଯ୍ୟନ୍ତ ଦୁନିଆକୁ ମୂର୍ଖ ବନା ଯାଇ ପାରିବ ନାହିଁ, ହେଲେ ଧର୍ମ ହେଉଛି ଏମିତି ଏକ କ୍ଷେତ୍ର, ଯେଉଁଠି ଲୋକେ ପିଢ଼ି ପରେ ପିଢ଼ି ମୂର୍ଖ ବନି ଚାଲିଛନ୍ତି।' କେବଳ ସେଇଥପାଇଁ ଆଜି ସମଗ୍ର ବିଶ୍ୱରେ ଚତୁର ରାଜନୈତିକ ବ୍ୟକ୍ତିବିଶେଷମାନେ ଧର୍ମକୁ ସମ୍ମୁଖ ଭାଗରେ ରଖି ରାଜନୈତିକ ଗୋଟି ଚାଳନା କରି ଚାଲିଛନ୍ତି, ଆଉ ଗାଡ୍ଡୁଳିକା ପ୍ରବାହରେ ଆମେ ସେତେକ ମେଣ୍ଢାଗୁଳିଆ ମଣିଷମାନେ ସେମାନଙ୍କୁ ଆଖି ବୁଜି ସମର୍ଥନ ଦେଇ ଚାଲିଛୁ, ଅନୁଗତ ହୋଇ ଆସୁଛୁ। ଏହା ଅନ୍ଧସ୍ୟ ସତ ଯେ ମଣିଷର ଲହୁ ଲୁହରେ ହୋଲି ଖେଳିବାକୁ ଖୁବ୍ ଭଲ ପାଆନ୍ତି ଆମର ଅତିପ୍ରିୟ ରାଜନୈତିକ ବ୍ୟକ୍ତିବିଶେଷମାନେ। ଅତି ସନ୍ତର୍ପଣରେ ଚତୁରତାର ସହିତ ଧର୍ମ ନାମରେ ଆମ ସମସ୍ତଙ୍କ ବ୍ରେନ୍ ୱାଶ୍ କରି ଚାଲିଛନ୍ତି ସେମାନେ। ପବିତ୍ର କାଦମ୍ବରୀ ପାନରେ ଆମେ ସମସ୍ତେ ଏବେ ହୋଇ ଚାଲିଛେ ମାତାଲ। ଏବେ ଆମର ମାନସିକ ସ୍ଥିତି ଏମିତି ଯେ ଧର୍ମ ରକ୍ଷା ନାମରେ କାହାକୁ ମାରିବାକୁ ନହେଲେ ମରିବାକୁ ବି ଆମେ ପ୍ରସ୍ତୁତ, ଯାହାର ଫଳଶ୍ରୁତି ହେଉଛି ଆଜିକାର ଦେଶେ ଦେଶେ ସୃଷ୍ଟି ହୋଇ ଚାଲିଥିବା ଗୃହଯୁଦ୍ଧ ପରିସ୍ଥିତି। ଏଥିପାଇଁ ନିଃସନ୍ଦେହରେ ନେତାମାନେ ଲାଭାନ୍ୱିତ ହେଉଥିବା ବେଳେ ସର୍ବାଧିକ ପରିମାଣରେ କ୍ଷତିଗ୍ରସ୍ତ ହେଉଛି ମଣିଷ ଏବଂ ତା'ର ମାନବିକତା। ଏଇ ପରିବେଶ ଆଉ ପରିସ୍ଥିତିକୁ ଦୃଷ୍ଟିରେ ରଖି ହେ ବିଶ୍ୱ ମଣିଷମାନେ ଉଠ, ଜାଗ୍ରତ ହୁଅ।

*ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର*

ଜାତୀୟ ଚେତନା
JATIYA CHETANA



## ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଫୁଟବଲ ଏକାଡେମୀ ପରିଦର୍ଶନ

# ଫିଫା ମାନର ପଡ଼ିଆ ଖୁବ୍‌ଶୀଘ୍ର



ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର କ୍ରୀଡ଼ା ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ବହନ କରୁଥିବା ସମ୍ବଲପୁର ଫୁଟବଲ ଏକାଡେମୀର ସୁଦୃଢ଼ ଯାତ୍ରାକୁ ଆହୁରି ବ୍ୟାପକ ତଥା ବିଶ୍ୱସ୍ତରୀୟ କରାଯିବ। ୧୫ କୋଟି ଟଙ୍କାରେ ଆରମ୍ଭ ହୋଇଥିବା ଏକାଡେମୀ ପରିସରରେ ଅନ୍ତର୍ଜାତୀୟ ମାନର ୩ଟି ଫିପା ମାନର ଫୁଟବଲ ପଡ଼ିଆ ଏବଂ ୨ଟି ଅତ୍ୟାଧୁନିକ ଫୁଟ୍‌ସାଲ ଗ୍ରାଉଣ୍ଡ ସ୍ଥାପନ କରାଯିବ। ଏହା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସମ୍ବଲପୁର ଗସ୍ତରେ ଯାଇ ଏହି ଏକାଡେମୀ ପରିଦର୍ଶନ କରି ଭିତ୍ତିଭୂମିର ବିକାଶ ଓ ଆଧୁନିକୀକରଣରମାନକୁ ପ୍ରଶଂସା କରି ଶ୍ରୀ ମାଝୀ କହିଛନ୍ତି ଯେ, ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ୍‌ର ଏକ ଶାଖା ଭାବେ ୨୦୦୭ରୁ ଆରମ୍ଭ ହୋଇଥିବା ଏହି ଏକାଡେମୀ ଆଜି ରାଜ୍ୟର କ୍ରୀଡ଼ା ପ୍ରତିଭାମାନଙ୍କୁ ଜାତୀୟସ୍ତରରେ ପରିଚୟ ଦେବାରେ ସବୁଠାରୁ ବଡ଼ ମାଧ୍ୟମ ସାଜିଛି। ବିଗତ ୧୯ ବର୍ଷ ମଧ୍ୟରେ ଏହି ଏକାଡେମୀରୁ ଶହ ଶହ ପ୍ରତିଭାବାନ୍ ଫୁଟ୍‌ବଲ ଖେଳାଳୀ ସୃଷ୍ଟି ହୋଇଛନ୍ତି। ସେମାନେ ବିଭିନ୍ନ ବୟସ ବର୍ଗରେ ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଫୁଟବଲ କ୍ରୀଡ଼ାର ବିକାଶ ପ୍ରତି ଏକାଡେମୀର ଏହି ଅବଦାନକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏକାଡେମୀ ଉପରେ ଆଉ ଏକ ନୂଆ ତଥା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏଣିକି ପ୍ରତିବର୍ଷ ଆୟୋଜିତ ହେଉଥିବା 'ସିଏମ କପ୍' ଫୁଟବଲ୍ ଟୁର୍ଣ୍ଣାମେଣ୍ଟରୁ ତୃଣମୂଳ ସ୍ତରରେ ମନୋନୀତ ହେଉଥିବା ୧୪ ବର୍ଷରୁ କମ୍ ବୟସର ୩୦ ଜଣ ପ୍ରତିଭାବାନ ପିଲାଙ୍କୁ ଉଚ୍ଚକୋଟୀର ଆବାସିକ ତାଲିମ ଦେବାର ଦାୟିତ୍ୱ ଏହି ଏକାଡେମୀକୁ ଦିଆଯାଇଛି। ତାଲିମ ଗ୍ରହଣ କରୁଥିବା ଏହି ଶିଶୁମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ନିକଟସ୍ଥ ଶିକ୍ଷାନୁଷ୍ଠାନମାନଙ୍କରେ ଗୁଣାତ୍ମକ ଶିକ୍ଷା ଗ୍ରହଣର ସମ୍ପୂର୍ଣ୍ଣ ବ୍ୟବସ୍ଥା ମଧ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି। ସେହିପରି ଉନ୍ନତ କ୍ରୀଡ଼ା ଭିତ୍ତିଭୂମି ଓ ଉପଯୁକ୍ତ ପ୍ରଶିକ୍ଷଣ ଜରିଆରେ ସମ୍ବଲପୁର ଫୁଟବଲ ଏକାଡେମୀ ଆଗାମୀ ଦିନରେ ଓଡ଼ିଶା ପାଇଁ କ୍ରୀଡ଼ା କ୍ଷେତ୍ରରେ ଆହୁରି ଅନେକ ଗୌରବ ଓ ସଫଳତା ଆଣିଦେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସହ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରାଜ୍ୟସଭା ସାଂସଦ ମନମୋହନ ସାମଲ, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ, ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର ପ୍ରମୁଖ ଉପସ୍ଥିତ ଥିଲେ।

# ମହାନଦୀ ବିବାଦ: ଦିଲ୍ଲୀରେ ହେବ ମାନସ ମନ୍ଥନ

ଭୁବନେଶ୍ୱର,(ଜା.ପ୍ର): ମହାନଦୀ ପାଇଁ ଦିଲ୍ଲୀରେ ୧୧ ଦିନ ଧରି ହେବ ମାନସ ମନ୍ଥନ। ଜୁନ୍ ୧୬ରୁ ୨୬ ପର୍ଯ୍ୟନ୍ତ ଆଲୋଚନା ହେବ। ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଆଜି ମହାନଦୀ ଟ୍ରିବ୍ୟୁନାଲଙ୍କ ଶୁଣାଣି ସମୟରେ ଦୁଇ ରାଜ୍ୟ ଛତିଶଗଡ଼ ଏବଂ ଓଡ଼ିଶା ପକ୍ଷରୁ ଦୁଇ ରାଜ୍ୟ ଭିତରେ ୱାଟର ସେୟାରିଂ ବା ଜଳ ବଣ୍ଟନ ନେଇ ବିସ୍ତୃତ ଆଲୋଚନା ପାଇଁ ଅପିଲ କରିଥିଲୁ। ଟ୍ରିବ୍ୟୁନାଲଙ୍କ ଅନୁମତି କ୍ରମେ ଆସନ୍ତା ଜୁନ୍ ୧୬ରୁ ୨୬ ତାରିଖ ଅର୍ଥାତ ୧୧ ଦିନ ଧରି ଦିଲ୍ଲୀରେ ଉଭୟ ରାଜ୍ୟର ଟେକ୍ନିକାଲ ଟିମ୍ ଏବଂ ଲିଗାଲ ଟିମ୍ ମୂଳ ବିଷୟକୁ ନେଇ ବିଶଦ ଭାବେ ଆଲୋଚନା କରିବେ। ଦରକାର ପଡ଼ିଲେ ସେଥିରେ ସିଡବ୍ଲ୍ୟୁସିର ସହାୟତା ନିଆଯିବ। ଦୁଇ ରାଜ୍ୟର ୱାଟର ଏକ୍ସପର୍ଟମାନେ ଏନେଇ ଆଲୋଚନା କରିବେ। ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ମହାନଦୀ ଜଳ ଉପରେ ଓଡ଼ିଶାର ପ୍ରାପ୍ୟ କେତେ, ଛତିଶଗଡ଼ର ପ୍ରାପ୍ୟ କେତେ, ସେହି ମୂଳ ବିଷୟବସ୍ତୁ ଉପରେ ବର୍ତ୍ତମାନ ସିଧାସଳଖ ଦୁଇ ରାଜ୍ୟର ବୈଷୟିକ କମିଟି ଆଲୋଚନା କରିବେ। ତେଣୁ ଏହି ଆଲୋଚନାର ଫଳାଫଳକୁ ଟ୍ରିବ୍ୟୁନାଲ ପାଖରେ ଆମେ ଦାଖଲ କରିବୁ। ଦୁଇ ରାଜ୍ୟର ସରକାରଙ୍କ ଶୀର୍ଷ ସ୍ତରରେ ମଧ୍ୟ ଆଲୋଚନା କରାଯିବ। ଏହାପରେ ମହାନଦୀ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାଣି ଜୁନ୍ ୨୭ରେ କରିବେ। ମହାନଦୀ ଟ୍ରିବ୍ୟୁନାଲର ଅଧ୍ୟକ୍ଷା ଜଷ୍ଟିସ ଏମ୍ ବେଲା ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରୁଛନ୍ତି।

# ଭିଜିଲାନ୍ସ ଜାଲରେ ଆଇଟିଡିଏ ଯନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଉ ଜଣେ କୁବେର ସରକାରୀ ବାବୁ। ସେ ହେଉଛନ୍ତି ବାଲିଗୁଡା ଆଇଟିଡିଏର ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରା। ଶନିବାର ଭିଜିଲାନ୍ସ ରେଡ୍ କରିବା ପରେ କେବଳ ଭୁବନେଶ୍ୱରରେ ୪ଟି ବହୁତଳ କୋଠା ସହ ଠାବ ହୋଇଛି ବାବୁଙ୍କର କୋଟି କୋଟିର ବିପୁଳ ସମ୍ପତ୍ତି। ସରକାରୀ ଦରମାରେ କେମିତି ଠିଆ କରିଥିଲେ ଏତେ ବଡ଼ ସାମ୍ରାଜ୍ୟ, ତାକୁ ନେଇ ଉଠିଛି ପ୍ରଶ୍ନ। ସବୁଠାରୁ ବଡ଼ କଥା ହେଲା ଯେ ସମ୍ପୃକ୍ତ କୁବେର ଯନ୍ତ୍ରୀଙ୍କ ୨ଟି ଲକରରୁ ନଗଦ ୨ କୋଟି ଟଙ୍କା ମିଳିଛି। ଭିଜିଲାନ୍ସ ରେଡ୍ ବେଳେ ଶ୍ରୀ ବେହେରାଙ୍କ ଲକରରୁ ବିଡ଼ା ବିଡ଼ା ଟଙ୍କା ଠାବ କରାଯାଇଛି। ଏହାଛଡ଼ା ତାଙ୍କର ୫ଟି ବହୁତଳ କୋଠା ସହ ୧୩ଟି ଦାମୀ ପ୍ଲଟର ସନ୍ଧାନ ମିଳିଛି। ୬ ହଜାର ଟଙ୍କା ଦରମାରୁ ଆରମ୍ଭ ହୋଇଥିଲା ସରକାରୀ ଚାକିରି। ଆଉ ଆଜି ସମ୍ପତ୍ତିର ତାଲିକା ଖୁବ୍ ଲମ୍ବା। ଶ୍ରୀ ବେହେରାଙ୍କ ରାଜଧାନୀ ଭୁବନେଶ୍ୱରର ପ୍ରାଇମ୍ ଏରିଆ କାନନ ବିହାର ଫେଜ୍-୧ର ଦୁଇ ମହଲା କୋଠା ରହିଛି। ଗ୍ରାଉଣ୍ଡ ଫ୍ଲୋରରୁ ଉପର ମହଲା ଯାଏଁ ଚକାଚକ୍। ଭିତରେ ପୁରା ହୋଟେଲ ଭଳି ସାଜସଜ୍ଜା। ହଲରୁ ଡାଇନିଂ କିଚେନରୁ ବେଡରୁମ୍, ଝକମକ ଲାଇଟିଂକୁ ଆଖି ଝଲସା ଇଣ୍ଟେରିଅର। ଖୁନ୍ଦି ହୋଇ ରହିଛି ମାଳ ମାଳ ସୋ ପିସ୍। ଲକ୍ଷ ଲକ୍ଷ ଟଙ୍କାରେ ସଜେଇ ହୋଇଛି ଘର। ଠାକୁର ଘର ବି ପ୍ରିମିୟମ୍। ବାବୁଙ୍କ ଘରେ ରେଡ୍ ବେଳେ ସମ୍ପତ୍ତି ଦେଖି ତାଜୁବ ଭିଜିଲାନ୍ସ ଅଧିକାରୀ। ବେଡରୁମରେ ଖାଣ୍ଟି ସୁନାର ଶୁଭ-ଲାଭ ଫ୍ରେମ୍। ୨ ଲକ୍ଷ ୮୫ ହଜାର ନଗଦ ସହ ୫ଟି ଆଇ ଫୋନ୍, ଏକାଧିକ ଡାଇମଣ୍ଡ ରିଙ୍ଗ, ବ୍ରାଣ୍ଡେଡ୍ ହାତ ଘଣ୍ଟା, କୃଷ୍ଣଙ୍କ ପିତ୍ତଳ ମୂର୍ତ୍ତି ମିଳିଛି। ୧୯୯୯ରେ ଆରମ୍ଭ ହୋଇଥିଲା ବାବୁଙ୍କ ସରକାରୀ ଚାକିରି। ଜୁନିୟର ଇଞ୍ଜିନିୟର ଭାବେ ନବରଙ୍ଗପୁରରେ ହୋଇଥିଲା ପୋଷ୍ଟିଂ। ମାସିକ ଦରମା ଥିଲା ୬ ହଜାର। ୨୦୦୧ ଯାଏଁ ବାବୁ ସେଠାରେ ଥିଲେ। ପରେ ଉଦଳା ଟ୍ରାନ୍ସଫର ହୋଇଥିଲା। ହେଲେ କିଛି ଦିନ ମଧ୍ୟରେ ପୁଣି ଫେରି ଆସିଥିଲେ ନବରଙ୍ଗପୁର। ଡାବୁଗାଁ ବ୍ଲକ୍ କୁସୁମଗୁଡାରେ କନିଷ୍ଠ କିରାଣୀ ଭାବେ ୨୦୦୧ରୁ ୨୦୦୭ ଯାଏଁ ଆଇଟିଡିଏରେ ରହିବା ପରେ ୨୦୧୬ରେ ଆସିଷ୍ଟାଣ୍ଟ ଇଞ୍ଜିନିୟର ଭାବେ ମିଳିଥିଲା ପଦୋନ୍ନତି। ଆଇଟିଡିଏ ନବରଙ୍ଗପୁରରେ ହିଁ ୨୦୨୨ ଯାଏଁ ରହିଥିଲେ। ଏ ବର୍ଷ ଫେବ୍ରୁଆରୀରେ ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ୍ ଇଞ୍ଜିନିୟର ରାଙ୍କ ସହ ବାଲିଗୁଡାରେ ହୋଇଥିଲା ପୋଷ୍ଟିଂ। ବଡ କଥା ହେଉଛି ଯେ, ପୁରା ଚାକିରି କାଳ ନବରଙ୍ଗପୁରରେ ହିଁ ଆସ୍ଥାନ ଜମାଇଥିଲେ ଯନ୍ତ୍ରୀ ବୈକୁଣ୍ଠନାଥ ବେହେରା। ହେଲେ ଏବେ ପଡିଛନ୍ତି ଭିଜିଲାନ୍ସ ଜାଲରେ।୯ଟି ସ୍ଥାନରେ ଏକକାଳୀନ ରେଡ୍ ବେଳେ ବୈକୁଣ୍ଠ ବାବୁଙ୍କ ବିପୁଳ ସମ୍ପତ୍ତି ଠାବ ହୋଇଛି।

# ହାତୀ ଆକ୍ରମଣରେ ୪ ମୃତ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରେ ହାତୀ ଆକ୍ରମଣରେ ତିନି ଜଣଙ୍କର ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳର ସିନେମା ହଲ ଛକ ନିକଟରେ ଥିବା ଆମ୍ବ ତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳାଙ୍କ ନାଁ ମଞ୍ଜୁ ନାଥ। ଅନ୍ୟପକ୍ଷରେ ସେହି ଗାଁର ଯଶୋଦା ମଲ୍ଲିକ ହାତୀ ଆକ୍ରମଣରେ ଆହତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ବନ ବିଭାଗ କର୍ମଚାରୀମାନେ ହାତୀଟିକୁ ଜଙ୍ଗଲକୁ ଘଉଡ଼ାଇବାରେ ସଫଳ ହୋଇଛନ୍ତି।

ସେହିପରି ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ଡିଭିଜନର ବାଙ୍କୀ ରେଞ୍ଜ ଅନ୍ତର୍ଗତ କଛୁପଡ଼ା ଗାଁ ନିକଟରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ଯମୁନା ମହାନ୍ତ। ତାଙ୍କ ଘର କଛୁପଡ଼ା ଗାଁରେ। ସେ ଶୌଚ ପାଇଁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ କଚାଡ଼ି ମାରି ଦେଇଥିଲା। ଖବର ପାଇ ବାଙ୍କୀ ରେଞ୍ଜର ଓ ଫରେଷ୍ଟର ଘଟଣା ସ୍ଥଳରେ ପହଞ୍ଚି ମୃତ୍ୟୁ ଦେହକୁ ଡାକ୍ତରଖାନା ପଠାଇଥିଲେ। ଉକ୍ତ ଅଞ୍ଚଳରେ ୧୦ରୁ ଅଧିକ ହାତୀ ଥିବା ବେଳେ ଏକ ଦନ୍ତା ଆସି ଯମୁନାଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କେନ୍ଦୁଝରର ବିଜେପି ରେଞ୍ଜ ନୀଳମୁଣ୍ଡି ସାହିରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି।

ସୁନ୍ଦରଗଡ଼ ଜିଲ୍ଲା ରାଏବଗା ଥାନା ଅନ୍ତର୍ଗତ ସାଉନାପଡ଼ା ଗାଁର ୬୫ ବର୍ଷୀୟା ଗ୍ଲୋରିଆ ଟପ୍ପୋ ଶନିବାର ସକାଳେ ମହୁଲ ଫଳ ଗୋଟାଇବା ପାଇଁ ଜଙ୍ଗଲକୁ ଯାଇଥିଲେ। ସେହି ସମୟରେ ଏକ ହାତୀ ସହ ତାଙ୍କର ମୁହାଁମୁହିଁ ହୋଇଥିଲା। ହାତୀଟି ତାଙ୍କୁ କଚାଡ଼ି ଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

# ଡେବ୍ୟୁ ଟେଷ୍ଟ୍‌ରେ ସୁଥାରଙ୍କ କୀର୍ତ୍ତିମାନ

ନୂଆଦିଲ୍ଲୀ,(ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷରେ ଏକମାତ୍ର ଟେଷ୍ଟରେ ଡେବ୍ୟୁ କରିଥିବା ମାନବ ସୁଥାର ନିଜ ପ୍ରଥମ ଓଭର୍‌ରେ ହିଁ ୱିକେଟ୍ ନେଇଛନ୍ତି। ଏପରି କରିବାରେ ସେ ଭାରତର ଅଷ୍ଟମ ବୋଲର୍ ହୋଇଛନ୍ତି। ୨୫ ବର୍ଷ ପରେ କୌଣସି ଭାରତୀୟ ବୋଲର୍ ଏହି କାରନାମା କରିଛନ୍ତି। ଏହା ପୂର୍ବରୁ ୨୦୦୧ରେ ଟିନୁ ଯୋହାନା ଇଂଲଣ୍ଡ ବିପକ୍ଷ ନିଜ ଡେବ୍ୟୁ ଟେଷ୍ଟର ପ୍ରଥମ ଓଭର୍‌ରେ ୱିକେଟ୍ ନେଇଥିଲେ। ଏହି କାରନାମା କରିଥିବା ଅନ୍ୟ ଭାରତୀୟ ବୋଲର୍‌ମାନେ ହେଲେ ମୋଣ୍ଟୁ ବାନାର୍ଜୀ (ୱେଷ୍ଟଇଣ୍ଡିଜ୍, ୧୯୪୮), ମନୋହର ହାର୍ଦ୍ଦିକର୍ (ୱେଷ୍ଟଇଣ୍ଡିଜ୍, ୧୯୫୮), ଭାମନ କୁମାର (ପାକିସ୍ତାନ, ୧୯୬୧), ଚେତନ୍ ଚୌହାନ୍ (ପାକିସ୍ତାନ, ୧୯୮୪), ଭେଙ୍କଟ ରମଣ (ୱେଷ୍ଟଇଣ୍ଡିଜ୍, ୧୯୮୮), ନୀଲେଶ କୁଲକର୍ଣ୍ଣି (ଶ୍ରୀଲଙ୍କା, ୧୯୯୭)।

# ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରୁ ସନ୍ନ୍ୟାସ ନେଲେ ଗ୍ରେସ୍

ନୂଆଦିଲ୍ଲୀ,(ଏଜେନ୍ସି): ଭାରତୀୟ ଟିମ୍‌ର ଅନୁଭବୀ ଖେଳାଳି ଡାଙ୍ଗ୍‌ମେଇ ଗ୍ରେସ୍ ଫାଇନାଲ୍ ମ୍ୟାଚ୍ ପରେ ଅନ୍ତର୍ଜାତୀୟ ଫୁଟ୍‌ବଲ୍‌କୁ ଅଲ୍‌ବିଦା କହିଛନ୍ତି। ସେ ୨୦୧୩ରେ ଭାରତ ପାଇଁ ଡେବ୍ୟୁ କରିଥିବା ବେଳେ ୯୫ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ପରେ ନିଜ କ୍ୟାରିୟର୍‌ର ଅନ୍ତ ଆଉ ଏକ ସାଫ୍ ଟାଇଟଲ୍ ସହ କରିଛନ୍ତି।

# ବୈଭବଙ୍କ ସହ ଇଂଲଣ୍ଡ ଗସ୍ତରେ ଯିବେ ମାତା-ପିତା

ନୂଆଦିଲ୍ଲୀ,(ଏଜେନ୍ସି): ୧୫ ବର୍ଷୀୟ କ୍ରିକେଟର୍ ବୈଭବ ସୂର୍ଯ୍ୟବଂଶୀଙ୍କ ସହ ତାଙ୍କ ମାତା-ପିତା ମଧ୍ୟ ଇଂଲଣ୍ଡ ଓ ଆୟର୍ଲାଣ୍ଡ୍ ଗସ୍ତରେ ଯିବେ। ବିସିସିଆଇ ବୈଭବଙ୍କ ମାତା-ପିତାଙ୍କୁ ଟିମ୍ ସହ ଯାତ୍ରା କରିବାକୁ କହିଛି। ବୋର୍ଡ କହିବା କଥା ହେଉଛି ଏହାଦ୍ୱାରା ସେ ସିନିୟର୍ ଟିମ୍‌ର ପରିବେଶ ସହିତ ସହଜରେ ଖାପ ଖୁଆଇପାରିବେ। ବୈଭବ ପ୍ରଥମ ଥର ପାଇଁ କୌଣସି ସିନିୟର୍ ଟିମ୍‌ର ସଦସ୍ୟ ହେବାକୁ ଯାଉଛନ୍ତି। ସେ ଭାରତ ପାଇଁ ସବୁଠୁ କମ୍ ବୟସରେ ଡେବ୍ୟୁଟାଣ୍ଟ୍ ଖେଳାଳି ବି ହୋଇପାରନ୍ତି। ଏହି ରେକର୍ଡ ଏବେ ସଚିନ୍ ତେନ୍ଦୁଲକରଙ୍କ ନାମରେ ଅଛି। ସେ ୧୬ ବର୍ଷ ୨୦୭ ଦିନ ବୟସରେ ପାକିସ୍ତାନ ବିପକ୍ଷରେ ଡେବ୍ୟୁ କରିଥିଲେ। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, ସାଧାରଣତଃ ବୋର୍ଡ ଖେଳାଳିଙ୍କ ମାତା-ପିତାଙ୍କ ଟିମ୍ ସହିତ



ଗସ୍ତରେ ଯିବାର ଅନୁମତି ଦେଇନଥାଏ। ମାତ୍ର ବୈଭବ ଏବେ ନାବାଳକ ଏବଂ ପ୍ରଥମ ଥର ସିନିୟର୍ ଖେଳାଳିଙ୍କ ଟିମ୍‌ରେ ମନୋନୀତ ହୋଇଛନ୍ତି। ତେଣୁ ତାଙ୍କ ମାମଲାରେ ସ୍ୱତନ୍ତ୍ର ଅନୁମତି ଦିଆଯାଇଛି। ସେ କହିଛନ୍ତି, ବିସିସିଆଇ ବୈଭବଙ୍କ ମାତା-ପିତାଙ୍କୁ ଅନୁରୋଧ କରିବ। ଯଦି ସେମାନେ ଯିବାକୁ ଚାହିଁବେ ତେବେ ବୋର୍ଡ ଏହାର ସମର୍ଥନ କରିବ। ବୈଭବ ସୂର୍ଯ୍ୟବଂଶୀ ଭାରତୀୟ କ୍ରିକେଟ୍ ଟିମ୍‌ରେ ମନୋନୀତ ସର୍ବକନିଷ୍ଠ ଯୁବ ଖେଳାଳି ହୋଇଛନ୍ତି। ୧୫ ବର୍ଷ ୭୧ ଦିନ ବୟସରେ ବୈଭବଙ୍କ ଜୁନ୍-ଜୁଲାଇରେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ୍ ସହିତ ସେପ୍ଟେମ୍ବରରେ ହେବାକୁ ଥିବା ଏସିଆନ୍ ଗେମ୍ସ ପାଇଁ ମନୋନୀତ କରାଯାଇଛି।

ଜାତୀୟ ଚେତନା
JATIYA CHETANA





# ଥିଲି ଝିଅ ହେଲି ଯେବେ ବୋହୂ

**ସୁନନ୍ଦା ମହାନ୍ତି**

କଲେଜ ପଢ଼ିବା ବେଳର କଥା। କାର୍ତ୍ତିକ ମାସରେ ଖୁବ ଭିଡ ହୁଏ ପୁରୀ ସହରରେ। ବିଶେଷ କରି ହବିଷ କରୁଥିବା ବୁଢ଼ିମାଉସୀମାନଙ୍କର ସମାବେଶ ଏତେ ପ୍ରବଳ ହୁଏ ଯେ,ରାସ୍ତା ପାର ହୋଇ କଲେଜ ଯିବା ବଡ କଷ୍ଟ ହୁଏ। ମାର୍କଣ୍ଡେଶ୍ୱର ସାହିରୁ ଲକ୍ଷ୍ମୀ ବଜାର ଦେଇ ବଡ଼ଦାଣ୍ଡରେ ପହଞ୍ଚିବାକୁ ଘଣ୍ଟାଏ ଲାଗିଯାଏ। ସେହି ସମୟର ସ୍ମୃତିଟିଏ ଆଜି ବି ଜୀବନ୍ତ ଲାଗେ। ସାହି ସାହିରେ ଭଡ଼ା ନେଇ ରହୁଥିବା କାର୍ତ୍ତିକିଆଳି ବୁଢ଼ୀମାଉସୀମାନେ କାନି ଧରାଧରି ହୋଇ ଚାଲିବାର ଦୃଶ୍ୟ ଯେତିକି ଚମତ୍କାର, ତାଙ୍କୁ କିଛି ଅସମାଜିକ ଯୁବକ ଚାରେଣୀ ଆଠେଣୀ ସବୁକୁ ରାସ୍ତାରେ ଅଠା ଦେଇ ଲଗାଇ ରଖି ,ବୁଢ଼ୀମାଉସୀ ମାନେ ଗୋଟାଇନେଲା ବେଳେ ତାଙ୍କୁ ଚିଡ଼େଇବା ଓ ନେଲାରେ ନେଲାରେ କହି ଛିଗୁଲେଇବା ସେତିକି କଷ୍ଟଦାୟକ ଲାଗେ।

ଆମେ ସାଙ୍ଗମାନେ ସବୁ ଉପାୟ ପାଞ୍ଚିଲୁ। ବୁଢ଼ୀମାଉସୀମାନଙ୍କ ସୁରକ୍ଷା ପାଇଁ କିଛି ତୁଳସୀ ଗଛ ସବୁକୁ ସେହି ରାସ୍ତାରେ ଅଠାରେ ଲାଗିଥିବା ପଇସା ଜାଗା ମାନଙ୍କରେ ପକାଇଲୁ ତ କେହି ବୁଢ଼ୀମାଉସୀ ପଇସା ଉଠାଇବାକୁ ଯାଇ ନଉଠାଇପାରି ତୁଳସୀ ଗଛ ନେଇ ଚାଲିଯାଆନ୍ତି ଖୁସିରେ। ଅସାମାଜିକ ଯୁବକଙ୍କ କ୍ରୁର ଦୃଷ୍ଟି ଆମ ଉପରେ ପଡେ ତ ସେମାନେ ଷଣ୍ଢ ମାନଙ୍କୁ ଘଉଡେଇ, ଆମ ଝିଅସାଙ୍ଗମାନଙ୍କୁ କିଲବିଲ କରି ହଇରାଣ କରନ୍ତି। ଆମେ ଝାଉ ସେହି କେତେକ ଝିଅ ସାଙ୍ଗମାନଙ୍କୁ ଷ୍ଟ୍ରଙ୍ଗ ଗାର୍ଲ୍ ହେବାକୁ ପ୍ରବର୍ତ୍ତାଇ, ନଡରି ଆଗେଇବାକୁ କହିଲେ ବି ବେଳେ ବେଳେ ରାଗ ହୁଏ, ଲକ୍ଷ୍ମୀ ବଜାର ଉପରେ ଆଉ ମନ୍ଦିରକୁ ଲାଗି ଗଢି ଉଠିଥିବା ପରିବା ଦୋକାନ ଓ ଅନ୍ୟାନ୍ୟ ଦୋକାନ ସବୁ ଗଢି ଉଠିଥିବାରୁ ଯେତିକି କ୍ଷୁବ୍ଧ ହେଉ, ଗୋରୁ ଗାଈ ମାନଙ୍କୁ ଗୁହାଳରେ ନରଖି ଛାଡ଼ିଦେଉଥିବାରୁ ମଧ ଲୋକମାନଙ୍କ ପ୍ରତି ଦୃଷ୍ଟିକୋଣ ଭଲ ନଥାଏ ଆମର।

ସେହିସବୁ ସ୍ମୃତି ମନ ହୃଦୟରେ ଜୀବନ୍ତ ଥିବାବେଳେ ବଡ଼ ହେଲା ପରେ ଲକ୍ଷ୍ମୀ ବଜାର ଉଠିଯିବା, ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ସରକାରଙ୍କ ପଦକ୍ଷେପ ରେ ବିଭୋର ହୋଇ ସେଇ ପୁରୁଣା ରାସ୍ତାର ନବକଳେବରର ରୂପ ଦେଖି ପରବର୍ତ୍ତୀ ଜୀବନରେ ବିମୋହିତ ହୋଇ ସେସବୁ ପୁରୁଣା ସ୍ମୃତି ମନେପକାଇ ହସୁଥିଲା ବେଳେ, ଟିଭି ସମ୍ବାଦ ଉପରେ ଓ ସୁପ୍ରିମକୋର୍ଟଙ୍କ ସନ୍ଦର୍ଭ ଜାଣିବାକୁ ପାଇ ପୁରୀ ବଡମନ୍ଦିର ପ୍ରତି ବିପଦ ଅଛି ଭାବିଲା ବେଳକୁ ହୃଦୟ ଭାଙ୍ଗି ପଡୁଥିଲା ଯେତିକି, ଜଗନ୍ନାଥ ଅଛନ୍ତି ନିଜ ରକ୍ଷା ସହ ଶହ ଶହ ଲୋକଙ୍କୁ ରକ୍ଷା କରିବେ ଭାବନାରେ କଲେଜ ବେଳର ସ୍ମୃତି ତାଜା ଓ ମଧୁର ଲାଗୁଥିଲା ସେତିକି।

ହିନ୍ଦୁ ଧର୍ମରେ ଅନେକ ପର୍ବପର୍ବାଣି ପାଳନ କରାଯାଏ। କଥାରେ ଅଛି ବାର ମାସରେ ତେର ପର୍ବ। ଅଁଳା ନବମୀ ପରେ କାର୍ତ୍ତିକ ପୂର୍ଣ୍ଣମୀ ପାଳନ କରାଯିବ। ହିନ୍ଦୁ ଧର୍ମରେ ଅଁଳା ନବମୀର ଅନେକ ମହତ୍ତ୍ୱ ରହିଛି। କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ଅଁଳା ନବମୀ ପାଳନ କରାଯାଏ। ଏହି ଦିନ ଅଁଳା ଗଛକୁ ପୂଜା କରାଯାଏ। ଅଁଳା ନବମୀ ସହ ଜଡିତ କିଛି ଖାସ କଥା ସମ୍ପର୍କରେ ଜାଣିବାକୁ ପାଇଲି ଯେବେ ପୁରୀ ଝିଅ ହୋଇ ସାକ୍ଷୀଗୋପାଳ ବୋହୂ ହେଲି। ଅଁଳା ନବମୀ ଦିନ ସର୍ବ ପ୍ରଥମେ ମା' ଲକ୍ଷ୍ମୀଙ୍କୁ ଆରାଧନା କରାଯାଇଥାଏ। ଏହା ପଛରେ ଏକ କାରଣ ରହିଛି। ଏକ କଥା ଅନୁସାରେ, ଥରେ ମା' ଲକ୍ଷ୍ମୀ ପୃଥିବୀଲୋକକୁ ଭ୍ରମଣ କରିବାକୁ ଆସିଥିଲେ। ପୃଥିବୀକୁ ଆସିବା ପରେ ଭଗବାନ ବିଷ୍ଣୁ ଓ ଭଗବାନ ଶିବଙ୍କ ପୂଜା ଏକାସଙ୍ଗେ କରିବାକୁ ତାଙ୍କୁ ଇଚ୍ଛା ହେଲା। ସେତେବେଳେ ସେ ମନେପକାଇଲେ ଯେ ତୁଳସୀ ନାରାୟଣଙ୍କ ପ୍ରିୟ କିନ୍ତୁ ଶିବଙ୍କର ନୁହେଁ। ଶିବଙ୍କ ପୂଜାରେ ତୁଳସୀ ଲାଗେନି,କିନ୍ତୁ ଶିବଙ୍କ ସ୍ୱରୂପ ବେଲର ଗୁଣ ଅଁଳା ବୃକ୍ଷରେ ରହିଛି। ସେଥିପାଇଁ ଅଁଳା ଗଛରେ ଉଭୟ ତୁଳସୀ ଓ ବେଲର ଅଂଶ ରହିଥିବାରୁ ସେତେବେଳେ ମା' ଲକ୍ଷ୍ମୀ ଅଁଳାକୁ ହିଁ ଶିବ ଓ ବିଷ୍ଣୁଙ୍କ ସ୍ୱରୂପ ଭାବି ପୂଜା କଲେ। ମା'ଙ୍କ ପୂଜା ପରେ ଭଗବାନ ଶିବ ଓ ଭଗବାନ ବିଷ୍ଣୁ ପ୍ରକଟ ହେଲେ। ଏହାପରେ ମା'ଲକ୍ଷ୍ମୀ ଅଁଳା ଗଛ ମୂଳରେ ଭୋଜନ ପ୍ରସ୍ତୁତ କଲେ ଓ ଶିବ ଓ ବିଷ୍ଣୁଙ୍କୁ ଭୋଜନ କରାଇଲେ। ସେହିଦିନ ଠାରୁ କାର୍ତ୍ତିକ ମାସ ଶୁକ୍ଳ ପକ୍ଷରେ ଅଁଳା ନବମୀ ଦିନ ଅଁଳା ଗଛକୁ ପୂଜା କରାଯାଇଥାଏ ଏବଂ ଅଁଳା ଗଛ ମୂଳରେ ରୋଷେଇ ମଧ ହୋଇଥାଏ। ସେହିଦିନ ଠାରୁ ଏହି ପ୍ରଥା ଚାଲିଆସିଛି।

ଅଁଳା ନବମୀ ପୂଜା ବିଧି ଅନୁସାରେ, ଅଁଳା ନବମୀ ଦିନ ସର୍ବ ପ୍ରଥମେ ଭୋରରୁ ଉଠି ସ୍ନାନ ଆଦି କରାଯାଏ, କୌଣସି ପବିତ୍ର ନଦୀରେ ଗାଧୋଇଲେ ଶୁଭ ବୋଲି କୁହାଯାଏ। ଏହାପରେ ଅଁଳା ଗଛ ମୂଳରେ କ୍ଷୀର, ଅକ୍ଷତ, ଧୂପ-ପୁଷ୍ପ ଆଦି ଅର୍ପଣ କରାଯାଏ। ଏହାପରେ ବିଧି ପୂର୍ବକ ଅଁଳା ଗଛକୁ ପୂଜା କରାଯାଏ। ପୂଜା ପରେ ଗଛ ଚାରିପଟେ ସାତ ଥର ପରିକ୍ରମା କରିବା ଉଚିତ।

ପରିକ୍ରମା ପରେ ଦୀପ ଜାଳି ଅଁଳା ନବମୀକଥା ଶୁଣିବା ଉଚିତ। ଅଁଳା ଫଳ ଖାଇଲେ ମଧ ମିଳିଥାଏ ଭଗବାନଙ୍କ ଆଶୀର୍ବାଦ। ପୁରାଣ କଥା ଅନୁସାରେ ଅଁଳା ଫଳ ଖାଇଲେ ମଧ ଭଗବାନ ବିଷ୍ଣୁଙ୍କ କୃପା ପ୍ରାପ୍ତ ହୋଇଥାଏ। ଅଁଳାର ଅନେକ ଗୁଣ ରହିଛି। ଏହାର ଅନେକ ସ୍ୱାସ୍ଥ୍ୟଗତ ଲାଭ ରହିଛି। ଅଁଳା ରସ ସେବନ ସ୍ୱାସ୍ଥ୍ୟ ପାଇଁ ହିତକର। ଅଁଳା ରସ ସେବନ କଲେ ଧର୍ମ ସ୍ଥାପନା ହୋଇଥାଏ ବୋଲି ପୁରାଣରେ କୁହାଯାଇଛି। ଅଁଳା ଜଳରେ ସ୍ନାନ କଲେ ଗରିବୀ ଦୂର ହୋଇଥାଏ ଏବଂ ସୁଖ ପ୍ରାପ୍ତ ହୋଇଥାଏ। ହିନ୍ଦୁ ଧର୍ମ ଶାସ୍ତ୍ରରେ ଆଉ ଏକ ବିଶ୍ୱାସ ରହିଛି ଯେ ଯେଉଁଠାରେ ଅଁଳା ଗଛ ଥାଏ ସେଠାରେ ଭଗବାନ ବିଷ୍ଣୁ ବାସ କରନ୍ତି। ଅଁଳା ନବମୀର ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅଁଳା ନବମୀ ଦିନ ଅଁଳା ଗଛକୁ ପୂଜା କରାଯାଇଥାଏ। ସେଥିପାଇଁ ଏହି ଦିନ ଅଁଳା ସେବନ କରିବା ଉଚିତ ନୁହେଁ। ଉତ୍ତର ଭାରତୀୟ ରୀତିନୀତିରେ ସାକ୍ଷୀଗୋପାଳ ମନ୍ଦିରରେ ପୂଜା ବିଧି ରହିଛି। ଏଠାରେ ଠାକୁରାଣୀ ଉତ୍ତର ଭାରତୀୟ ବେଶଭୂଷା ପରିଧାନ କରିଥାନ୍ତି। ତେଣୁ ବର୍ଷସାରା ଠାକୁରାଣୀଙ୍କ ପାଦ ଆବୃତ୍ତ ହୋଇ ରହିଥାଏ। ଅଁଳା ନବମୀରେ ଠାକୁରାଣୀ ଓଡ଼ିଆଣୀ ବେଶ ହୁଅନ୍ତି। ଏହି ଅବସରରେ ପାଦ ଦର୍ଶନ ଲାଗି ଭକ୍ତଙ୍କୁ ସୁଯୋଗ ମିଳିଥାଏ।

ରାଜା ଉନମା ଯମୁନାନଦୀକୂଳରୁ ଆଣିଥିବା ଶ୍ରୀକୃଷ୍ଣଙ୍କ ମଣିବିଗ୍ରହ ସାକ୍ଷାତ ମୂର୍ତ୍ତି ଭାବେ ବୃନ୍ଦାବନରେ ଅଧିଷ୍ଠିତ ହୋଇଥିଲେ। ପରବର୍ତ୍ତୀ ସମୟରେ ଏହି ମଣିବିଗ୍ରହ ବୃନ୍ଦାବନରୁ କାଞ୍ଚିର ଜଣେ ଶ୍ରୀବତ୍ସ ବ୍ରାହ୍ମଣ ପାଇଁ ସାକ୍ଷୀ ଦେବା ପାଇଁ ଆସି କାଞ୍ଚିରେ ରହି ଆଉ ବୃନ୍ଦାବନ ଫେରିଲେ ନାହିଁ ଓ ସାକ୍ଷୀଗୋପାଳ ନାମରେ ପୂଜା ପାଇଲେ। ପରେ ଓଡ଼ିଶାର ରାଜା ପୁରୁଷୋତ୍ତମଦେବ କାଞ୍ଚି ବିଜୟ କରି ପ୍ରଭୁ ଶ୍ରୀସାକ୍ଷୀଗୋପାଳଙ୍କୁ ସଙ୍ଗରେ ପୁରୀକୁ ନେଇଆସିଲେ। ପୁରୀରୁ କଟକସ୍ଥ ବାରବାଟୀ ଦୁର୍ଗ, ବାରବାଟୀ ଦୁର୍ଗରୁ ଖୋର୍ଦ୍ଧାସ୍ଥ ରଥିପୁର ଓ ପରେ କନ୍ତଳବାଇକୁ ପ୍ରଭୁଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା। ଶେଷରେ ପ୍ରଭୁଙ୍କ ମଣିବିଗ୍ରହ ପୁରୀ ଶ୍ରୀମନ୍ଦିରର ଭୋଗମଣ୍ଡପ ନିକଟରେ ସ୍ଥାପିତ ହେଲା। ସାକ୍ଷୀଗୋପାଳ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରତିଷ୍ଠିତ ହେବାର ଅଳ୍ପଦିନ ପରେ ରାଜାରାମଚନ୍ଦ୍ର ଦେବଙ୍କୁ ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଷ ହେଲା। ସାକ୍ଷୀଗୋପାଳ ଭୋଗବୁହା ବାଟ ପାଖରେ ବସି ଆମର ପିଠା ଆଦି ସମସ୍ତ ମିଷ୍ଟାନ୍ନ ପଦାର୍ଥଗୁଡ଼ିକୁ ଆଗରୁ ଉଚ୍ଛିଷ୍ଟ କରି ଦେଉଛନ୍ତି, ଆମେ ଉପବାସ ରହୁଛି। ରାଜାଙ୍କ ନିଦ ତତକ୍ଷଣାତ ଭାଙ୍ଗିଗଲା, ରାଜା ଭାରି ବ୍ୟସ୍ତ ହୋଇପଡ଼ିଲେ। ରାଜା ଏହିପରି ଅଶ୍ୱସ୍ତିକର ଅବସ୍ଥାରେ ଥିବା ସମୟରେ ବାବା ବ୍ରହ୍ମଚାରୀ ନାମକ ଜଣେ ସନ୍ନ୍ୟାସୀ ରାଜାଙ୍କ ପାଖକୁ ଯାଇ କହିଲେ ହେ ରାଜନ। ପୁରୀଠାରୁ ପନ୍ଦର ମାଇଲ ଦୂର ବ୍ରାହ୍ମଣ ଶାସନର କେନ୍ଦ୍ରସ୍ଥଳ ପୁଣ୍ୟତୋୟା ରନ୍ଚିରା ନଦୀ ତୀରବର୍ତ୍ତୀ ଛୁରିଅନା, ବକୁଳ, ତମାଳ, କେତକୀ ଓ ନାରିକେଳ ବୃକ୍ଷ ପରିପୂର୍ଣ୍ଣ ପ୍ରାକୃତିକ ବନରେ ଶ୍ରୀ ସାକ୍ଷୀଗୋପାଳଙ୍କୁ ସ୍ଥାପନ କର। ଏହି ଧାମ ଠିକ ବୃନ୍ଦାବନ ଧାମ ପରି। ରାଜା ଶ୍ରୀରାମଚନ୍ଦ୍ର ଦେବ ବାବା ବ୍ରହ୍ମଚାରୀଙ୍କ ପରାମର୍ଶକ୍ରମେ ସାକ୍ଷୀଗୋପାଳଙ୍କ ଇଚ୍ଛା ଭାବି ଏହି ପ୍ରାକୃତିକ ବନରେ ପ୍ରଥମେ ସିଦ୍ଧବଳରାମଙ୍କ ନିକଟରେ ଏକ ମନ୍ଦିର ପ୍ରତିଷ୍ଠା କରାଇ ଶ୍ରୀସାକ୍ଷୀଗୋପାଳଙ୍କୁ ସ୍ଥାପନ କରାଇଲେ। ପରବର୍ତ୍ତୀ କାଳରେ ବର୍ତ୍ତମାନର ମନ୍ଦିର ନିର୍ମାଣ କରାଯାଇଅଛି। ଶ୍ରୀକୃଷ୍ଣ ସାକ୍ଷୀଗୋପାଳ ରୂପେ ରହିଲେ ସାକ୍ଷୀଗୋପାଳରେ, ଶ୍ରୀରାଧା ରହିଲେ ବୃନ୍ଦାବନରେ। ପରସ୍ପର ସହିତ ମିଳନ ନ ହେବାରୁ ଉଭୟେ ଭାରି ଅଶ୍ୱସ୍ତି ଅନୁଭବ କଲେ। ସମୟକ୍ରମେ ପ୍ରିୟା ଶ୍ରୀରାଧା ସେବକସାହି ସ୍ଥିତ ଶ୍ରୀସାକ୍ଷୀଗୋପାଳଙ୍କ ବଡ଼ପଣ୍ଡା ବେଲେଶ୍ୱର ମହାପାତ୍ରଙ୍କ ଘରେ ମାନବୀ ପ୍ରିୟା ଲକ୍ଷ୍ମୀ ରୂପରେ ଜନ୍ମଲାଭ କଲେ। ପ୍ରଭୁ ସାକ୍ଷୀଗୋପାଳ ନିତ୍ୟ ରାତ୍ରର ତୃତୀୟ ପ୍ରହରରେ ମନ୍ଦିର ଛାଡ଼ି ଆସି ଲକ୍ଷ୍ମୀ ସହ ଲକ୍ଷ୍ମୀଙ୍କ ବାସଭବନରେ ମିଳିତ ହୁଅନ୍ତି। ଗୁପ୍ତ ବୃନ୍ଦାବନ ରୂପେ ପରିଚିତ ବକୁଳବନରେ ଲକ୍ଷ୍ମୀସହ କେଳି କରନ୍ତି। ଅଧିକାଂଶ ସମୟରେ ପ୍ରଭୁଙ୍କ ବଂଶୀ, ରାତ୍ରପିନ୍ଧା ବସନ, ଚୂଳ ଆଦି ଲକ୍ଷ୍ମୀଙ୍କ ଶୟନ ଶେଜରୁ ମିଳିବାରୁ ରାଜା ବଡ଼ପଣ୍ଡାଙ୍କୁ ଚୋର କହି ନାନା ନିର୍ଯ୍ୟାତନା ଦେଲେ। ବଡ଼ପଣ୍ଡା ବେଲେଶ୍ୱର ମହାପାତ୍ରେ ନିରୁପାୟ ହୋଇ ସାକ୍ଷୀଗୋପାଳଙ୍କର ଶରଣ ପଶିଲେ। ଭକ୍ତବତ୍ସଳ ଭଗବାନ ପ୍ରଭୁ ସାକ୍ଷୀଗୋପାଳ ରାଜାଙ୍କୁ ସ୍ୱପ୍ନରେ କହିଲେ।। । ହେ ରାଜନ ! ବଡ଼ପଣ୍ଡା ନିର୍ଦ୍ଦୋଷ, ମୋର ପ୍ରିୟା ରାଧା ତାଙ୍କ ଘରେ ଲକ୍ଷ୍ମୀ ରୂପରେ ଜନ୍ମଲାଭ କରିଛି। ତୁମେ ଯଥାଶୀଘ୍ର ଲକ୍ଷ୍ମୀଙ୍କ ପରି ଏକ ସୁବର୍ଣ୍ଣ ପ୍ରତିମା ନିର୍ମାଣ କରାଇ ମୋ ପାଖରେ ପ୍ରତିଷ୍ଠା କର। ପ୍ରଭୁଙ୍କ ସ୍ୱପ୍ନାଦେଶ ଅନୁସାରେ ରାଜା ଗଡ଼ଜାତ ରଣପୁର ଅଞ୍ଚଳରୁ କେତେକ କୁଶଳୀ କାରିଗର ଅଣାଇ ଲକ୍ଷ୍ମୀଙ୍କ ପରି ଗୋଟିଏ ସୁବର୍ଣ୍ଣ ମୂର୍ତ୍ତି ନିର୍ମାଣ କରାଇଲେ। ମୂର୍ତ୍ତିଟି ନିର୍ମାଣ ଆରମ୍ଭ ଦିନରୁ ଲକ୍ଷ୍ମୀ ରୋଗରେ ଶଯ୍ୟାଶାୟୀ ହେଲେ। ମୂର୍ତ୍ତୀର ଜୀବନ୍ୟାସ ଦିଆହେବା ସମୟରେ ଲକ୍ଷ୍ମୀ ଇହଲୀଳା ସମ୍ବରଣ କରିଥିଲେ। ପ୍ରଭୁ ସାକ୍ଷୀଗୋପାଳଙ୍କ ଇଚ୍ଛାନୁଯାୟୀ ତାଙ୍କର ପ୍ରିୟା ଲକ୍ଷ୍ମୀଙ୍କ ମର ଶରୀରକୁ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ସଂସ୍କାର କରାଯାଇଥିଲା। କିମ୍ବଦନ୍ତୀକୁ ସ୍ମରଣ ରଖିବା ପାଇଁ ପରବର୍ତ୍ତୀ ସମୟରେ ଲକ୍ଷ୍ମୀଙ୍କ ସମାଧି ସ୍ଥଳରେ ଏକ ମହାବୀର ମନ୍ଦିର ପ୍ରତିଷ୍ଠା କରାଗଲା। ଲକ୍ଷ୍ମୀଙ୍କୁ ରାଧିକା ରୂପେ ପାଇ ଶ୍ରୀସାକ୍ଷୀଗୋପାଳଙ୍କ ଦୀର୍ଘ ଦିନର ମନସ୍କାମନା ପୂର୍ଣ୍ଣ ହେଲା। ଠାକୁର ପଶ୍ଚିମାଞ୍ଚଳବାସୀ ହୋଇଥିବାରୁ ଅନ୍ନପ୍ରସାଦ ପରିବର୍ତ୍ତେ ଗହମ ଜାତ ସାମଗ୍ରୀ ଭୋଗ କରାଗଲା। ପଶ୍ଚିମାଞ୍ଚଳ ମହିଳାଙ୍କ ପରି ଦେବୀ ଶ୍ରୀରାଧାଙ୍କ ପିନ୍ଧା ଶାଢ଼ୀଦ୍ୱାରା ତାଙ୍କର ପାଦପଦ୍ମ ବର୍ଷସାରା ଘୋଡ଼ାଇ ହୋଇ ରହିଲା। ଏହି ଭଳି କିଛି ଦିନ ଯିବା ପରେ କେତେକ ସେବକ ବିଚାରକଲେ ଠାକୁରାଣୀ ଶ୍ରୀରାଧା ମାନବୀ ପ୍ରିୟା ଲକ୍ଷ୍ମୀ ରୂପେ ଆମ ଓଡ଼ିଶାରେ ଆସି ସତ୍ୟବାଦୀରେ ରହିଲେ କିନ୍ତୁ ଦିନେ ହେଲେତ ଓଡ଼ିଆଣୀ ବେଶ ହେଲେ ନାହିଁ। ପରିଶେଷରେ ସ୍ଥିର ହେଲା ରାଧା ରୂପେ ପୂଜା ପାଉଥିବା ମାନବୀ ପ୍ରିୟା ଲକ୍ଷ୍ମୀଙ୍କ ଜନ୍ମଦିନ କାର୍ତ୍ତିକମାସ ଶୁକ୍ଳପକ୍ଷ ନବମୀ ତିଥିରେ ଓଡ଼ିଆଣୀ ବେଶ ଅନୁଷ୍ଠିତ ହେବ। ବେଶ ସମୟରେ ଠାକୁରାଣୀ କାଣିଆ କଚ୍ଛା ମାରନ୍ତି, ଫଳରେ ବର୍ଷସାରା ଶାଢ଼ୀରେ ଆବୃତ ହୋଇ ରହିଥିବା ଠାକୁରାଣୀଙ୍କ ପାଦପଦ୍ମ ଦ୍ୱୟକୁ ଭକ୍ତମାନେ ଏହି ଦିନ ଦର୍ଶନ କରିଥାନ୍ତି। ଗୋପାଳଙ୍କୁ ଚନ୍ଦନ ଚର୍ଚ୍ଚିତ କରାଯାଇ ମସ୍ତକରେ ସ୍ୱର୍ଣ୍ଣ କିରୀଟ, ହାତରେ ସୁବର୍ଣ୍ଣ ବଂଶୀ ସାଙ୍ଗକୁ ନଟବର ବେଶରେ ଏବଂ ରାଧାଙ୍କୁ ଖଣ୍ଡୁଆ ପାଟବସ୍ତ୍ର ସହ କିରୀଟ, ପାଉଁଜି, ଝୁଣ୍ଟିଆ, କୁଣ୍ଡଳ, ଚାପସରି ସେବତୀ ହାର, ନୋଥ, ଗୁଣା ଏବଂ ଅଁଳା ହାର ଲାଗି କରାଯାଏ। ଏବେ ପୁରୀରେ ରହୁଥିବା କାର୍ତ୍ତିକବ୍ରତ ପୂଜା କରୁଥିବା କାର୍ତ୍ତିକିଆଳିମାନେ ଖୁବ ସ୍ୱାଚ୍ଛନ୍ଦ୍ୟ ଓ ଆନନ୍ଦରେ ପୁରୀରେ ରହି ଅଁଳା ନବମୀ ଦିନ ସାକ୍ଷୀଗୋପାଳ ଆସି ଅଁଳା ଗଛ ପୂଜା କରି ରାଧାରାଣୀଙ୍କ ଓଡ଼ିଆଣୀ ବେଶ ଦର୍ଶନ କରିବା ଦେଖି ମତେ କୃତ୍ୟ କୃତ୍ୟ ଲାଗେ ଯା ହେଉ ସମୟ ବଡ଼ ବଳବାନ ବୋଲି ମନେହୁଏ। ଅଁଳା ଗଛସବୁକୁ ବାଣ୍ଟିବା ଓ ଲଗେଇବାକୁ ଦାଇତ୍ୱ ନେଇ ବୁଝେଇ ଚାଲିଥିଲି କାର୍ତ୍ତିକିଆଳୀ ମାଉସୀମାନଙ୍କୁ।

*ସାକ୍ଷୀଗୋପାଳ, ପୁରୀ*
*ମୋ: ୯୦୪୦୯୭୭୩୨୭*

## ଆଜିର ମଣିଷ

ଆଶାର ଆଲୋକ
ଜୀବନର ପ୍ରଦୀପ
ଧୋଇ ଦେଇଯାଏ
ଜୀବନର ପାପ।
ଧର୍ମ ପାପର
ଏ ସାରା ସଂସାର
ମୂଲ୍ୟହୀନ ସେ ତ
ମଣିଷ ଜୀବନ
ମଣିଷ ଜୀବନ
ପଶୁଠାରୁ ହୀନ
ସଂସାରେ ନାହିଁ
ଆଉ ତା' ମାନ ସମ୍ମାନ
ମାନ ସମ୍ମାନ ଯେ
ସାଜିଛି ଆକାଶ କୁସୁମ
ନାହିଁ ତା'ର ଜ୍ଞାନ,
ନାହିଁ ତା'ର ମାନ।
ହେ ମଣିଷ ତୁମେ
ବଦଳାଅ ସ୍ୱଭାବ
ଥରେ କରି ଦେଖ
ସଂଗ୍ରାମୀ ମଣିଷର ଅନୁଭବ
ଶ୍ରେଷ୍ଠ ଜୀବ ହୋଇ ବି ତୁ ପାଦଧୂଳିରେ
ଜୀବନ ଆଜିରେ ମୃତ୍ୟୁ ମୁଖରେ।

**ତୁଳସୀ ସାହୁ**
ଆଡ଼ିପଡ଼ା, ନୟାଗଡ଼

## ପ୍ରେୟସୀ



ତୁମେ ମୋ ହୃଦୟର ମଧୁର ସ୍ପନ୍ଦନ,
ନୀରବ ରାତିର ସୁମଧୁର ଗୀତ;
ତୁମ ହସରେ ଫୁଟେ ନୂଆଁ ପ୍ରଭାତ,
ତୁମ ଆଖିରେ ଲୁଚିଥାଏ
ସ୍ୱପ୍ନର ଚିତ୍ର।
ଫୁଲର ସୁଗନ୍ଧ ପରି ତୁମ ସ୍ମୃତି,
ମନର ଉଦ୍ୟାନେ ଭରେ ମାଧୁର୍ଯ୍ୟ;
ତୁମ ନାମ ଶୁଣିଲେ
ଧଡ଼କେ ହୃଦୟ,
ପ୍ରେମରେ ଭିଜେ ଜୀବନର ପ୍ରତ୍ୟେକ
ମୁହୂର୍ତ୍ତ।
ଚନ୍ଦ୍ରର ଜ୍ୟୋତ୍ସ୍ନା ମଧ
ଫିକା ଲାଗେ,
ତୁମ ମୁହଁର ସେ
ନିର୍ମଳ କାନ୍ତି ଆଗରେ;
ସାରା ଜୀବନ ରହିବି
ତୁମ ସାଥୀ ହୋଇ,
ସୁଖ-ଦୁଃଖର ପ୍ରତ୍ୟେକ ପଥରେ।
ପ୍ରେୟସୀ, ତୁମେ ମୋର
କବିତାର ଶବ୍ଦ,
ମୋ ଗୀତର ସୁର ଓ ଛନ୍ଦ;
ତୁମ ପ୍ରେମରେ ପାଇଛି
ଜୀବନର ଅର୍ଥ,
ତୁମେ ହିଁ ମୋ ହୃଦୟର
ଅନନ୍ତ ଆନନ୍ଦ।

**ଛବିଳ କୁମାର ସାହୁ**
କୁଣ୍ଡାପିଠା, ଦେବଗଡ଼
ମୋ-୯୯୩୮୦୯୯୪୯୬

ଜାତୀୟ ଚେତନା
JATIYA CHETANA



# ସାତବର୍ଷ ପରେ ଭାରତ ସାଫ୍ ଚାମ୍ପିଅନ୍

ମଡ଼ଗାଓଁ,(ଏଜେନ୍ସି): ଭାରତୀୟ ମହିଳା ଫୁଟ୍‌ବଲ୍ ଟିମ୍ ୭ ବର୍ଷ ପରେ ଦକ୍ଷିଣ ଏସିଆ ଫୁଟ୍‌ବଲ୍ (ସାଫ୍) ଚାମ୍ପିଅନ୍‌ଶିପ୍ ଜିତିଛି। ଖେଳାଯାଇଥିବା ଫାଇନାଲ୍‌ରେ ଭାରତ ଡିଫେଣ୍ଡିଂ ଚାମ୍ପିଅନ୍ ବାଂଲାଦେଶକୁ ୩-୧ ଗୋଲ୍‌ରେ ହରାଇ ରେକର୍ଡ ୬ଷ୍ଠ ଥର ଟାଇଟଲ୍ ହାସଲ କରିଛି। ଗୋଆର ମଡ଼ଗାଓଁସ୍ଥିତ ଜବାହର ଲାଲ ନେହରୁ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ପକ୍ଷରୁ ପ୍ୟାରୀ ଖାଖା, ସନ୍‌ଫିଦା ନୋଙ୍ଗ୍‌ରୁମ୍ ଏବଂ ଲିଣ୍ଡା କୋମ୍ ସେର୍ତ୍ତୋ ୧-୧ ଗୋଲ୍ କରିଥିଲେ। ବାଂଲାଦେଶ ପକ୍ଷରୁ ରିତୁ ପୋର୍ନା ଚକମା ଏକମାତ୍ର ଗୋଲ୍‌ଟି ଦେଇଥିଲେ।

ମ୍ୟାଚ୍‌ର ୪୨ତମ ମିନିଟ୍‌ରେ ପ୍ୟାରୀ ଖାଖା ଗୋଲ୍ କରି ଭାରତକୁ ପ୍ରାରମ୍ଭିକ ଅଗ୍ରଣୀ ପ୍ରଦାନ କରିଥିଲେ। ତେବେ ଇନ୍‌ଜୁରୀ ଟାଇମ୍‌ରେ ରିତୁ ପୋର୍ନା ଗୋଲ୍ କରି ସ୍ଥିତି ୧-୧ରେ ବରାବର କରିଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ସନ୍‌ଫିଦା ଚମତ୍କାର ହେଡର୍ ଜରିଆରେ ଭାରତକୁ ୨-୧ରେ ଆଗୁଆ କରିଥିଲେ। ଏହାପରେ ଭାରତୀୟ ଟିମ୍ ଖେଳ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହାସଲ ବଜାୟ ରଖିଥିଲା। ୮୨ତମ ମିନିଟ୍‌ରେ ଲିଣ୍ଡା କୋମ୍ ସେର୍ତ୍ତୋ ବାଂଲାଦେଶ ଡିଫେନ୍ସର ତ୍ରୁଟିର ଲାଭ ଉଠାଇ ତୃତୀୟ ଗୋଲ୍ ଦେଇ ଭାରତର ବିଜୟ ସୁନିଶ୍ଚିତ କରିଥିଲେ। ଆୟୋଜକ ଭାରତ ପୂରା ଟୁର୍ଣ୍ଣାମେଣ୍ଟରେ ଅଜେୟ ରହିଥିଲା। ଟିମ୍ ସମସ୍ତ ୪ ମ୍ୟାଚ୍ ଜିତିଥିବା ବେଳେ ୧୮ ଗୋଲ୍ କରିଥିଲା। ଟିମ୍ ବିପକ୍ଷରେ ମାତ୍ର ଗୋଟିଏ ଗୋଲ୍ ହୋଇଥିଲା। ଭାରତର ବିଜୟ ଫଳରେ ଡିଫେଣ୍ଡିଂ ଚାମ୍ପିଅନ୍ ବାଂଲାଦେଶର ଲଗାତାର ତୃତୀୟ ଟାଇଟଲ୍ ବିଜୟ ସ୍ୱପ୍ନ ଧୂଳିସାତ୍ ହୋଇଯାଇଛି। ଭାରତର ଅବେକ ସିଂହ ୪ ଗୋଲ୍ କରି ଟୁର୍ଣ୍ଣାମେଣ୍ଟର ଶୀର୍ଷ ସ୍କୋରର୍ ହୋଇଛନ୍ତି। ସନ୍‌ଫିଦା ନୋଙ୍ଗରୁମ୍‌ଙ୍କୁ ମୋଷ୍ଟ ଭାଲ୍ୟୁଏବଲ୍ ପ୍ଲେୟାର୍ ମନୋନୀତ କରାଯାଇଥିବା ବେଳେ ପନ୍ଥୋଇ ଚାନୁ ଏଲାଙ୍ଗବାମ୍‌ଙ୍କୁ ଶ୍ରେଷ୍ଠ ଗୋଲ୍‌କିପର୍ ପୁରସ୍କାର ମିଳିଛି। ନେପାଳକୁ ଫେୟାର୍ ପ୍ଲେ ପୁରସ୍କାର ଦିଆଯାଇଛି।

# ଭାରତୀୟ ମହିଳା ୪ X ୪୦୦ ରିଲେ ଟିମ୍‌କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,(ଏଜେନ୍ସି): ଭାରତର ମହିଳା ୪ X ୪୦୦ ମିଟର ରିଲେ ଟିମ୍ ନ୍ୟୁ ତାଇପେଇ ସିଟି ଆଥ୍‌ଲେଟିକ୍ସ ଓପନ୍‌ରେ ନୂଆ ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଛି। ଏହି ଟୁର୍ଣ୍ଣାମେଣ୍ଟ ବିଶ୍ୱ ଆଥ୍‌ଲେଟିକ୍ସର କଣ୍ଟିନେଣ୍ଟାଲ୍ ଟୁର୍ ସିଲ୍‌ଭର୍ ଶ୍ରେଣୀର ଏକ ମହତ୍ତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ। ତାଇୱାନ୍‌ର ବାନାକିୟାଓ ଷ୍ଟାଡିୟମ୍‌ରେ ଶ୍ରାବଣୀ ନନ୍ଦ, ଏସ୍‌ଏସ୍ ସ୍ନେହା, ସୁଦେଷ୍ଣା ଶିଭଙ୍କର ଏବଂ ତନମ୍ନାଙ୍କ ଟିମ୍ ୪୪.୦୩ ସେକେଣ୍ଡ୍ ସମୟ ସହ ପୋଡିୟମ୍ ଟପ୍ କରିଛି। ଏହି ଅବସରରେ ଭାରତୀୟ ଟିମ୍ ପୂର୍ବ ମିଟ୍ ରେକର୍ଡ ଭଙ୍ଗ କରିବା ସହିତ ଭିଏତ୍‌ନାମ୍‌କୁ ୦.୩୧ ସେକେଣ୍ଡ୍ ପଛରେ ପକାଇ ସହଜ ବିଜୟ ହାସଲ କରିଥିଲା। ଭିଏତ୍‌ନାମ୍ ଦ୍ୱିତୀୟ ସ୍ଥାନରେ ରହିଛି। ରିଲେରେ ବିଜୟ ବ୍ୟତୀତ ଭାରତକୁ ଫିଲ୍ଡ ଇଭେଣ୍ଟ୍‌ସରେ ମଧ୍ୟ ସଫଳତା ମିଳିଛି। ମହିଳା ଲଙ୍ଗ୍ ଜମ୍ପ୍‌ରେ ଶୈଳୀ ସିଂହ ୬.୨୪ ମିଟରର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଭାରତର ତେଜସ୍ ଶିର୍‌ସେ ମଧ୍ୟ ଟ୍ରାକ୍‌ରେ ପ୍ରଭାବିତ କରିବା ସହିତ ପୁରୁଷ ୧୧୦ ମିଟର ହର୍ଡଲ୍ସରେ ରୌପ୍ୟ ପଦକ ଜିତିଛନ୍ତି। ସେ ୧୩.୬୧ ସେକେଣ୍ଡ୍ ସମୟ ସହ ନିଜ ମିଟ୍ ରେକର୍ଡରେ ସୁଧାର କରିଥିଲେ ମଧ୍ୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନରୁ ବଞ୍ଚିତ ହୋଇଛନ୍ତି। କାରଣ ଏହାପାଇଁ ନିର୍ଦ୍ଧାରିତ ଯୋଗ୍ୟତା ସମୟ ୧୩.୩୯ ସେକେଣ୍ଡ୍ ରହିଛି।

# ଦୁଇଟି ବୈପ୍ଳବିକ କବିତା

## (୧) ମିଛ ସ୍ୱାଧୀନତା

ଅମରନାଥ ବାରିକ୍

ଦେଖ ଦେଖ ଆଜି ଜାତୀୟ ପତାକା
ଉଡୁଅଛି ଫରଫର
ତଳେ ରାଜନେତା ରୁଣ୍ଡିଭୁତ ହୋଇ
ନିଜକୁ ମଣନ୍ତି ବୀର
ସବୁଠାରୁ ବଡ଼ ଚୋର
ଆଇନ ଭକ୍ଷକ ପୋଲିସ ସେଠାରେ
ନୁଆଁଇ ଅଛନ୍ତି ଶିର ।
ଦିଅନ୍ତି ଭାଷଣ ନିଜ ଦଳ ପାଇଁ
କରିଛି କେ କେତେ କାମ
ଉପର ଖୋଳପା ମାତୃଭକ୍ତି ଛାପ
ହୃଦେ ନାହିଁ ଦେଶ ପ୍ରେମ
କରୁଥାନ୍ତି କୃତ କର୍ମ
ଆଇନ ଆଖିରେ କଳାପଟି ବନ୍ଧା
ଭାସି ଯାଏ ଦେଶ ଆମ ।
ପ୍ରକୃତ ସଂଗ୍ରାମୀ ଫଟୋ ଉଈ ଖାଏ
ପୋଷ୍ଟର ଯାଙ୍କର ଛପେ
ସ୍ଲୋଗାନରେ ନିଜ ମନ୍ତ୍ରୀ ନାମ ଯୋଡ଼ି
ଭୋକି ହେଉଥାନ୍ତି ଆପେ
ଭୋଟର ବାପୁଡ଼ା ଜପେ
ଇଲେକ୍ସନ ବେଳେ ପିଇଥିଲେ ବୋଲି
ନାଳି ପାଣି କପେ କପେ ।
ମିଛେ ଉଡ଼ାଉଛ ତ୍ରିରଙ୍ଗା ପତାକା
ଜାତୀୟ ସଙ୍ଗୀତ ଗାଇ
କହି ପାରିବ କି ଗଣତନ୍ତ୍ର କ'ଣ
ପୁଣି ହେଉଅଛ ବାଇ
ସମ୍ବିଧାନ ଜଣା ନାହିଁ
କେଉଁଥିରେ ଲେଖା ଶୋଷଣ କରିବା
କହି କି ପାରିବ ଭାଇ !

## (୨) ସ୍ୱାଧୀନତାର ମୂଲ୍ୟ



ରକତର ସୁଅ ବହିଛି ଅନେକ
ଗୁଳାବାରୁଦ ଛୁଟାଇ
ସ୍ୱାଧୀନତା ସେନା ସହୀଦ ହୋଇଲେ
ବନ୍ଦେ ମାତରମ୍ ଗାଇ।
ଏଇ ସ୍ୱାଧୀନତା ପାଇଁ
କାନ୍ଦିଛି ନିରୀହ ପରାଣ ବିକଳେ
ପୁତ୍ର ଶବ ମାତା ପାଇ ।

ଭାରତ ମାତର ଅଶ୍ରୁ ନିଗାଡ଼ିଛି
ବୀର ସହିଦଙ୍କୁ ଦେଖି
ରକ୍ତବୁଡ଼ା ସେହି ତ୍ରିରଙ୍ଗା ପତାକା
ଆଉ ପୁଣି ଚିରା ଖାକି।
ବୁଜିଦେଲେ ଯେବେ ଆଖି
ଦେଖାଇ ଆମକୁ ନବୀନ ପ୍ରଭାତ
ଶୁଳିରେ ଶିରକୁ ରଖି ।
ଅନ୍ୟାୟ ଦୁର୍ନୀତି ଫିରିଙ୍ଗି ଶାସନ
ଗୋରାଙ୍କୁ କରି ଦମନ
ବିଜୟ କରିଲେ ଭାରତକୁ ଆମ
ଦେଶପ୍ରାଣ ବୀର ସୈନ୍ୟ ।
ହୋଇଲୁ ଯେବେ ସ୍ୱାଧୀନ
ଅନୁସୃତ ସୂତ୍ର ସମଷ୍ଟିରେ ଗଢ଼ା
ଲେଖା ହେଲା ସମ୍ବିଧାନ ।
ଆସିଛି ସେ ଦିନ ସ୍ମରଣ କରିବା
ସେହି ମହାପୁରୁଷଙ୍କୁ
ଊର୍ଦ୍ଧ୍ୱରେ ରଖିବା ତାଙ୍କ ଟେକ ଆଉ
ଆମ ତ୍ରିରଙ୍ଗା ଝଣ୍ଡାକୁ।
ଶକ୍ତିଶାଳୀ କରିବାକୁ
ଆମ ଦେଶ ଆମ ହାତରେ ଗଢିବା
ଗାଇ ଜାତୀୟ ଗୀତକୁ ।
ଶାନ୍ତି ମୈତ୍ରୀ ଆଉ ପ୍ରଗତି ପ୍ରତୀକ
ପବିତ୍ର ପତାକା ଧରି
ଏକତ୍ରିତ ହୋଇ କରିବା ସଂକଳ୍ପ
ପୁଷ୍ପ ମାଲ୍ୟାର୍ପଣ କରି।
ପୁଲକରେ ପ୍ରାଣ ଭରି
ମହାତ୍ମାଙ୍କ ସ୍ୱପ୍ନ ପୂରଣ କରିବା
ରାମରାଜ୍ୟ ସୃଷ୍ଟିକରି ।

**କୟାଁ, ମଙ୍ଗଳପୁର, ଯାଜପୁର**
**ପିନ୍ ନମ୍ବର - ୭୫୫୦୧୧**
**ଦୂରଭାଷା - ୯୫୪୦୩୦୮୦୯୫**
**(ନୂଆଦିଲ୍ଲୀ)**



# ତୁମ ପାଇଁ ପଦେ

## ଦିଗମ୍ବର ବେହେରା

ମନେ ପଡେ କିଛି ଅତୀତ, କିଛି ଭବିଷ୍ୟତ, ଆଉ କହିଚାଲେ କିଛି ବର୍ତ୍ତମାନର ଘଟଣାବଳୀ। ତୁମେ ମୋତେ ଯାହାବି ଭାବିପାର, ତୁମ ଭାଷାରେ ଜଣେ ପାଗଳ, ଦୁଷ୍ଟ ଅବା ବଦମାସ। ହେଲେ ମୋର ଏଇ ଅମାନିଆ ମନ କେବେବି ତୁମର ସେଇ ବାଧାକୁ ମାନେନି। ଆଜି କାହିଁକି କେଜାଣି ତୁମକୁ କିଛି କହିବାକୁ ମନ ହେଉଛି ମୁଁ କିଛି ବୁଝି ପାରୁନି। କହୁ କହୁ କହିଦିଏ ଅତୀତର କିଛି ସ୍ୱପ୍ନ କଥା। ଆଉ ଶୁଣିବସେ ତୁମର ସେଇ ବିଚଳିତ ମନର ନୀରବ ସ୍ୱରର ଅକୁହା କଥା। ତୁମେ ସବୁକଥା ବୁଝିବି ଅବୁଝା ପରି ମୋତେ ପଚାରିଚାଲ, ଆଉ ସବୁକିଛି ଜାଣି ମଧ୍ୟ ଅଜଣା ପରି ନଜାଣିବାର ଅଭିନୟ କର। ହେଲେ ମୁଁ ତୁମ ମନକଥା ସବୁ ଜାଣିପାରେ, ଆଉ ତୁମ ମନର ସମସ୍ତ ଭାବନାକୁ ଅଜଣା ଘଟଣାର ରୂପଦିଏ। ଯେତେବେଳେ ପଚାରିବସ କଥା ଛଳନାରେ ଭୁଲେଇଦିଏ। ହେଲେ ଆଜି କାହିଁକି କେଜାଣି ଦି ପଦ କହିବାକୁ ଇଚ୍ଛା ହେଲା, ଆଉ ଇଚ୍ଛାକୁ ମନଭିତରେ ବାନ୍ଧିରଖି ପାରିଲିନି। ମନଖୋଲି କହିଦେବି ବୋଲି ଭାବିଲି। ହେଲେ କାଳେ ତୁମେ କ'ଣ ଭାବିବ ବୋଲି ଡରିଗଲି, ଆଉ ପୁଣି ଆପଣେଇଲି ସେଇ ପୁରୁଣା କଥାକୁ , ବାଁରେଇଲି ମନର କଥାକୁ।

ଡର ଲାଗୁଥାଏ କାଳେ ତୁମ ସହ ସମ୍ପର୍କରେ ଫାଟ ସୃଷ୍ଟିହେବ ବୋଲି। ସେଥିପାଇଁ ଆପଣେଇଲି ଭିନ୍ନ ଏକ ପନ୍ଥା। ମୁଁ ଜାଣେ ଆମର ଯେପରି କଥା, ଆଉ ସମ୍ପର୍କ, ତାକୁ ଯେକେହି ହେଲେ ପ୍ରେମର ରୂପ ଦେଇପାରିବ। ଏଇକଥା ତୁମେ ମଧ୍ୟ କହିବାକୁ ଚାହୁଁଥିଲ, ହେଲେ କହିପାରୁନଥିଲ। ଆମର ଏଇ ମନଖୋଲା କଥା, ହୃଦୟଖୋଲା ହସ ଆଉ ପ୍ରୀତିଭରା ବ୍ୟବହାରକୁ ଖାଲିଯେ ତୁମ ସାଙ୍ଗ ସାଥୀ ତାହା ନୁହେଁ ତୁମ ଘରଲୋକ ଆମଘରଲୋକ ଆଉ ସମ୍ପର୍କୀୟ ମାନେ ମଧ୍ୟ ପ୍ରେମର ରୂପ ଦେବାକୁ ପଛଘୁଞ୍ଚା ଦେବେନି ।ହେଲେ କଣ ହେବ ? ତୁମେଯେ ଏକ କଥାକୁହା କାଚର କଣ୍ଢେଇ ଆଉ ମନ ତୁମର କାଚର ଏକ ସୁନ୍ଦର ଘର। ନା ଏଇ କଣ୍ଢେଇରେ କେବେ ଦାଗ ଲାଗିବ ନା ଏଇ କାଚ ଘରେ। ଠିକ ସେହିପରି ବାହାରର କାହାରି ଭାବନାଯେ ତୁମ ଉପରେ କିଛି ପ୍ରଭାବ ପକେଇବ ସେକଥା ମୁଁ ଭାବିନଥିଲି। ହେଲେ ଆଜି ଯେତେବେଳେ ତୁମେ ମନଖୋଲି କହିବାକୁ ଆରମ୍ଭ କର ମୁଁ ତୁମ ମନକଥା ବୁଝିପାରି କାଚ ରୂପୀ ସେଇ ତୁମ ନିର୍ମଳ ମନରେ ପ୍ରେମର ଦାଗ ନଲାଗିବା ପାଇଁ ତୁମକୁ ବୁଝେଇବାକୁ ଚେଷ୍ଟା କଲି। ଆଉ ସଫଳତାର ସହ କୃତକାର୍ଯ୍ୟବି ହେଲି। ହେଲେ ମୁଁ ଜାଣିଛି , ତୁମେ ସିନା ମୋ ଆଗରେ ମାନିଗଲ, ହେଲେ ତୁମ ସେଇ କାଚଘରେ ମୋ ପାଇଁ ପ୍ରେମର ସୁନ୍ଦର ବସାଟିଏ ଗଢିଉଠିଛି।

ମୋତେ ନେଇ ତୁମେ କ'ଣ ଭାବୁଛ ମୁଁ ଜାଣିନି, ହେଲେ ଏତିକି ଜାଣିଛି ତୁମେ ମୋ ବିଷୟରେ ନିଶ୍ଚୟ ଭାବୁଛ ଯେ ମୁଁ, ତୁମ ମନ ଆଉ ମୋ ମନକୁ ନେଇ ଛୋଟ ବସାଟିଏ ବାନ୍ଧିବାର ସ୍ୱପ୍ନ ଦେଖୁଛି। ହେଇପାରେ ତୁମର ଏଇ ଭାବନା ସତ, ହେଲେ ଏମିତି କିଛି କଥା ଥାଏ ଯାହା କେବେବି ସମ୍ଭବ ହୋଇପାରେନା। ଆଉ ସେଇ ଅସମ୍ଭବତା ପାଇଁ କେତୋଟି କାରଣ ମୁଁ କହୁଛି :- ପ୍ରଥମ କାରଣ ହେଉଛି ମୁଁ ଆଉ ତୁମ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। ଯାହାକୁ କି ପରିବାର ଲୋକ କେବେବି ଗ୍ରହଣ କରିପାରିବେନି। ତାହା ଆଉ ଅଧିକ ବର୍ଣ୍ଣନା କରିବା ଆବଶ୍ୟକ ନାହିଁ ବୋଲି ମୁଁ ଭାବୁଛି। ତଥାପି ଯଦି ବୁଝିପାରୁନ ତାହାଲେ ସତକଥାଟି ହେଲା:- ତୁମ ଆଉ ମୋର ଜାତି ଅଲଗା , ଯାହାକୁ କି ଆମ୍ଭ ପରିବାର ଲୋକେ କେବେବି ଗ୍ରହଣ କରିବେନି।

ଦ୍ୱିତୀୟ କାରଣରେ ମଧ୍ୟ ଅନେକ ପାର୍ଥକ୍ୟ ରହିଛି ଯାହାକୁକି ଆମ ସମ୍ପର୍କୀୟମାନେ କେବେ ଗ୍ରହଣ କରିପାରିବେନି। ତାହା ହେଉଛି ଆମ ସମ୍ପର୍କୀୟ ତଥା ବଂଶ ବୁନିଆଦି। ଆମ ସମ୍ପର୍କୀୟ ମାନେ ବହୁତ ବିତ୍ତଶାଳୀ, ଆଉ ତୁମେ ଜଣେ ମାମୁଲି ଚାଷୀ ପରିବାରର ପୁଅ। ନା ଅଛି ତୁମ ବଂଶ ନା ବୁନିଆଦ ନା କେହି ବିତ୍ତଶାଳୀ ସମ୍ପର୍କୀୟ। ଏହାକୁ କେବେବି ଆମ ପରିବାରର ସମ୍ପର୍କୀୟ ମାନେ ଗ୍ରହଣ କରିପାରିବେ ବୋଲି ମୁଁ ଭାବୁନି। ଆଉ ତୃତୀୟ ବା ସବା ଶେଷ କାରଣଟି ଏମିତି ଏକ ଜିନିଷ ଯାହାକୁ ତୁମେ କେବେବି ଗ୍ରହଣ କରିପାରୁନ। ଏକଥା ମୁଁ ବର୍ଣ୍ଣନାକରିବାଟା ଠିକ ହବନି ବୋଲି ଭାବୁଛି। କାରଣ ମୁଁ ଯେତେବେଳେ ଯେତେବେଳେ କଥା ଛଳନାରେ ତୁମ ମନପସନ୍ଦର ମନର ମଣିଷ କଥା ପଚାରିଛି ତୁମେ କେବେବି ମୋର ଗୋଟିଏବି ଗୁଣ କଥା କହିନ। ତଥାପି ମୁଁ ନିଜକୁ ନିଜେ ଭାବୁଛି ମୋ ଠାରେ ତୁମ ମନପସନ୍ଦର ମଣିଷପରି ସୁନ୍ଦରତାର ଏକ ଶତାଂଶ ବି ନାହିଁ। ତେଣୁ ପରିବାର, ପାରିବାରିକ ସମ୍ପର୍କ ଆଉ ତୁମର ପସନ୍ଦ ବିନା ଛୋଟ ବସାଟିଏ କେବେବି ସୁଦୃଢ ହେଇପାରିବନି। ସେଥିପାଇଁ ମୁଁ ବାମନ ହୋଇ ଚାନ୍ଦ ଧରିବାର ଆଶାକୁ ମନଭିତରେ ମାରିବାକୁ ଚେଷ୍ଟା କରୁଛି ହେଲେ କାହିଁକି କେଜାଣି ରୋକିପାରୁନି। ଆଉ ଦିନ ରାତି ଖାଲି ତୁମକୁ ହିଁ ମାନେପକେଇ ବଂଚିରହିଛି।

ମୁଁ ଜାଣିନି ମୋ ଆଶା ପୂରଣ ହେବ କି ମରିଚିକାପରି ଉଭେଇଯିବ, ତଥାପି ଏତିକି କହିବି ମୋ ପାଖରେ ରହିଛି କେବଳ ମିଛ ଆଉ ମିଛ। ଯାହାକୁ ଆଶ୍ରାକରି ମୁଁ ନିଜେ ଲୁହ ପିଇ ତୁମକୁ ଖୁସି ଦେବାକୁ ଚେଷ୍ଟା କରୁଛି। ଆଉ ଏଥିପାଇଁ ମିଛକୁ ଆଶ୍ରାକରିବା ଯଦି ମୋର ଦୋଷ ହୁଏ ତେବେ ତୁମେ ଯାହା ଦଣ୍ଡ ଦେବ ମୁଁ ସ୍ୱୀକାର କରିବାକୁ ପ୍ରସ୍ତୁତ ଅଛି। ଆଉ ଏଇ ମିଛ ମାନଙ୍କ ମଧ୍ୟରେ ଲୁଚିରହିଛି ତୁମ ପାଇଁ ଏକ ବିଶାଳ ସତର ହୃଦୟ, ଯାହାର ପ୍ରତିଟି ସ୍ପନ୍ଦନ କେବଳ ତୁମକୁ ହିଁ ଉଚ୍ଚାରଣ କରୁଛି। ତୁମପାଇଁ ମୋ ପାଖରେ କେବଳ ତୁମ ହୃଦୟକୁ ବୁଝିପାରୁଥିବା ପରି ମୋର ଏଇ ହୃଦୟ ବିନା ଆଉ କିଛି ନାହିଁ। ସର୍ବପରି ଗୋଟିଏ କଥା କେବେବି ମିଛ ହେବନି। ତାହା ହେଉଛି ତୁମେ ହେଉଛ ମୋର ଅତୀତ ଆଉ ଭବିଷ୍ୟତ ମଝିର ନିର୍ମଳ ସେତୁ ଟିଏ। ଯାହା ବର୍ତ୍ତମାନର ବର୍ଣ୍ଣନା।

*କୁମୁଟିଗୁଡ଼ା, ମାଲକାନଗିରି*
*ମୋ-୯୭୭୬୪୫୬୪୮୭*


ଜାତୀୟ ଚେତନା
JATIYA CHETANA



## ଓଲିଉଡ୍ ରଜ ଧମାକା

# ଚତୁରଙ୍ଗ କାହାଣୀ







ରାଜଧାନୀର ବଡ଼ ବଡ଼ ଅପରାଧୀ ଗୋଷ୍ଠୀଙ୍କ ପାଇଁ ସେ ଥିଲେ ଏକ ମୂର୍ତ୍ତିମାନ ଆତଙ୍କ ଏବଂ ନାଁ ତାଙ୍କର ଥିଲା ଆଇପିଏସ୍ ଅଫିସର ଅନୁଭବ ମହାନ୍ତି। ସହରରେ ବଢ଼ି ଚାଲିଥିବା ରହସ୍ୟମୟ ଅପରାଧ, ହତ୍ୟାକାଣ୍ଡ ଏବଂ ଅଣ୍ଡରୱାର୍ଲଡର ଅଡୁଆ ସୂତାକୁ ଖୋଲିବା ପାଇଁ ତାଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଥିଲା। ସେ କୌଣସି ସାଧାରଣ ପୋଲିସ ନଥିଲେ, ବରଂ ସେ ଖେଳୁଥିଲେ ଅପରାଧୀଙ୍କ ସହ 'ଛକି ଶୂନ'ର ଏକ ଚତୁର ଖେଳ, ଯେଉଁଠାରେ ଗୋଟିଏ ଭୁଲ ଚାଲ୍‌ର ଅର୍ଥ ଥିଲା ସିଧା ମୃତ୍ୟୁ। ସହରର ଗୋଟିଏ ପଟେ ସମ୍ଭାବନା ମହାନ୍ତି, ଅଭିଷେକ ପଣ୍ଡା ଏବଂ ଦିବ୍ୟା ମହାନ୍ତିଙ୍କ ଜୀବନରେ ଏକ ଅଜଣା ଝଡ଼ ସୃଷ୍ଟି ହୋଇଥାଏ ଏବଂ ଏକ ବଡ଼ କର୍ପୋରେଟ୍ ସ୍କାମ୍ ସହ ହତ୍ୟା ମାମଲାରେ ସେମାନେ ଛନ୍ଦି ହୋଇପଡ଼ନ୍ତି। ଏହି ରହସ୍ୟମୟ ଅପରାଧର ଚେର ବହୁତ ଦୂର ପର୍ଯ୍ୟନ୍ତ ଲମ୍ବିଥିଲା, ଯେଉଁଥିରେ ଚୌଧୁରୀ ଜୟପ୍ରକାଶ ଦାସ, ସୁକୁମାର ଟୁଡୁ ଏବଂ ସୁକାନ୍ତ ରଥଙ୍କ ଭଳି ପ୍ରଭାବଶାଳୀ ବ୍ୟକ୍ତିମାନଙ୍କର ଗୁପ୍ତ ହାତ ଥିଲା। ଆଇପିଏସ୍ ଅଫିସର ଅନୁଭବ ନିଜର ଦୁର୍ଦ୍ଦଶ ଆକ୍ସନ ମୁଡ୍‌ରେ ପ୍ରତିଟି ସସପେନ୍ସର ପରଦା ଉଠାଇବା ଆରମ୍ଭ କରନ୍ତି ଏବଂ ନିତୁ ସିଂ, ବିଜିନୀ ମିଶ୍ର ଓ ଉଦିତ ଗୁରୁଙ୍କ ସନ୍ଦେହଜନକ ଗତିବିଧି ଉପରେ ନଜର ରଖିବା ସହ, ସେ ଅପରାଧ ଜଗତର କିଙ୍ଗପିନ୍ ତାପସ ସରଗରିଆ, ଜିତୁ ମଙ୍ଗରାଜ, ବିନ୍ଦୁ, ରାକା, ଦିପୁ ଓ ସୁଜିତଙ୍କ ଚକ୍ରବ୍ୟୂହକୁ ଭେଦ କରିବାକୁ ରଣନୀତି ପ୍ରସ୍ତୁତ କରନ୍ତି। ସହରର ଗଳିକନ୍ଦିରେ ଶୁଭୁଥାଏ ଗୋଟିଏ କମ୍ପନ ଯେ ଆମେ ବାଲୁଙ୍ଗା ଟୋକା, ଖେଳ ସଳଖ କରିଦେବୁ, କାରଣ ଏହି ଖେଳଟି ଥିଲା କେବଳ ଜିତିବାର ଏବଂ ଅପରାଧୀଙ୍କୁ ଶୂନ କରିବା ହିଁ ଥିଲା ଅନୁଭବଙ୍କ ଏକମାତ୍ର ଲକ୍ଷ୍ୟ।




ଏହି ସମୟରେ ସହରର କୋଳାହଳଠାରୁ ବହୁ ଦୂରରେ, ଓଡ଼ିଶାର ଏକ ସବୁଜ ସୁନ୍ଦର ଗାଁରେ ରହୁଥିଲା ଗାଉଁଲି ଝିଅ ଶିବାନୀ ସଂଗୀତା। ସେହି ଗାଁର ମାଟି ଏବଂ ପରମ୍ପରା ସହ ଜଡ଼ିତ ଥିଲା ଏକ ଅମୂଲ୍ୟ ସମ୍ପଦ ଯାହା ହେଉଛି ମାଣ୍ଡିଆ। ମାଣ୍ଡିଆର ଔଷଧୀୟ ଗୁଣ, ପୁଷ୍ଟିସାର ଏବଂ ସ୍ୱାସ୍ଥ୍ୟଗତ ଉପକାରିତାର ପ୍ରଚାର ତଥା ବିଶ୍ୱ ଦରବାରରେ ଏହାକୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ଗାଁର ଜଣେ ବୟୋବୃଦ୍ଧ ତଥା ଜ୍ଞାନୀ ବୈଦ୍ୟ ସିଦ୍ଧାନ୍ତ ମହାପାତ୍ର ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ସେ ନିଜର ଏକ ପୁରୁଣା ଡାଏରୀରେ ମାଣ୍ଡିଆ ଓ ପ୍ରକୃତିର ଅନେକ ରହସ୍ୟ ଲିପିବଦ୍ଧ କରି ରଖିଥିଲେ, ଯାହାର ନାମ ଥିଲା 'ଦ ମିଲେଟ ଡାଏରୀ'। ଅନ୍ୟପଟେ, ସହରରୁ ଗାଁକୁ ଆସେ ଅଭିଷେକ ପଣ୍ଡା, ଯିଏ ପରିସ୍ଥିତି ଚକ୍ରରେ ପଡ଼ି ଜଣେ ବିଏମ୍‌ସି ଡ୍ରାଇଭର ଭାବେ କାମ କରୁଥାଏ। ତାଙ୍କ ସହ ଥାନ୍ତି ଶୀତମ ଦାସ ଏବଂ କୁନା ତ୍ରିପାଠୀ, ଯେଉଁମାନେ ଗାଁର ଏହି ସରଳ ଜୀବନଶୈଳୀକୁ ଦେଖି ପ୍ରଭାବିତ ହୁଅନ୍ତି। କିନ୍ତୁ ସଫଳତା ଏତେ ସହଜ ନଥିଲା, କାରଣ ସହରର କିଛି ଅସାଧୁ ବ୍ୟବସାୟୀ ଓ ପ୍ରଭାବଶାଳୀ ବ୍ୟକ୍ତି, ଯେମିତି କି ରାଜ ରାଜେଶ, ଶ୍ରଦ୍ଧା ଦାସ, ସୁଜନ୍ତ ଦାଶମହାପାତ୍ର ଏବଂ ଶକ୍ତି ବରାଲ ଗାଁର ଏହି ପ୍ରାକୃତିକ ସମ୍ପଦକୁ ନିଜ କବ୍‌ଜାକୁ ନେଇ କୋଟି କୋଟି ଟଙ୍କାର ବ୍ୟବସାୟ କରିବାକୁ ଚାହୁଁଥିଲେ। ସେମାନଙ୍କର ଏହି ଚକ୍ରାନ୍ତ ବିରୁଦ୍ଧରେ ସାନ୍ତୁ ନିଜେ, ରେଭାନ୍ସ ମହାନ୍ତି, ଶ୍ରେୟା ସତ୍ୟପାଠୀ, କାଞ୍ଚନ, ରାଜଶ୍ରୀ, ଦୀପକ ଏବଂ ଦେବିକା ଏକଜୁଟ୍ ହୁଅନ୍ତି। ବୈଦ୍ୟ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର ନିଜର ପ୍ରଜ୍ଞା ଏବଂ ନୈତିକ ଶକ୍ତି ବଳରେ ଗ୍ରାମୀଣ ଅର୍ଥନୀତି ଓ ମାଣ୍ଡିଆର ମହତ୍ତ୍ୱକୁ ରକ୍ଷା କରିବା ପାଇଁ ଏକ ନୂଆ ବିପ୍ଳବର ସୂତ୍ରପାତ କରନ୍ତି, ଯାହା କେବଳ ଏକ ଖାଦ୍ୟର କାହାଣୀ ନଥିଲା ବରଂ ଥିଲା ମାଟିର ଅସ୍ତିତ୍ୱର କାହାଣୀ।

ଏହା ସହିତ ଦୀର୍ଘ ଦୁଇ ବର୍ଷ ଧରି ସେ ନିଖୋଜ ଥିଲେ ଏବଂ ନିଜ ଭିତରର ଅଭିମାନ ଓ ପ୍ରତିଶୋଧର ନିଆଁକୁ ଚାପି ରଖିଥିଲେ ଓଲିଉଡ ଅଭିନେତା ଅମ୍ଳାନ ଦାସ। ଦୁଇ ବର୍ଷ ପରେ ଯେତେବେଳେ ସେ ପରଦାକୁ ବା ବାସ୍ତବ ଜୀବନକୁ ଫେରନ୍ତି, ସେତେବେଳେ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଥାଏ। ତାଙ୍କ ଜୀବନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମୋଡ଼ ଭାବେ ଠିଆ ହୋଇଥାନ୍ତି ଦୁଇ ନାୟିକା ସୁପ୍ରିୟା ନାୟକ ଓ ଏଲିନା ସାମନ୍ତରାୟ, ଯେଉଁଠି ଜଣେ ତାଙ୍କର ଅତୀତର ସରଳ ପ୍ରେମ ଥିଲା ତ ଆଉ ଜଣେ ବର୍ତ୍ତମାନର ସଂଘର୍ଷର ସହଯାତ୍ରୀ। ଅମ୍ଳାନଙ୍କ ଏହି ପ୍ରତ୍ୟାବର୍ତ୍ତନ ପଛରେ ଏକ ବଡ଼ ରହସ୍ୟ ଥିଲା, ସେ ଆସିଥିଲେ ଶିକାରୀ ସାଜି ସମାଜର ସେହି କୁଖ୍ୟାତ ମାଫିଆମାନଙ୍କର 'ଶିକାର' କରିବା ପାଇଁ, ଯେଉଁମାନେ ତାଙ୍କ ପରିବାରକୁ ଧ୍ୱଂସ କରିଦେଇଥିଲେ। ଏହି ଲଢ଼େଇରେ ତାଙ୍କ ବିରୁଦ୍ଧରେ ଠିଆ ହୋଇଥିଲେ ଅଙ୍କିତ, ତାପସ ସରହରିଆ ଏବଂ ପ୍ରଦ୍ୟୁମ୍ନ ଲେଙ୍କାଙ୍କ ଭଳି ମତିଭ୍ରଷ୍ଟ ଶକ୍ତି। ଅମ୍ଳାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରସାନ୍ତ, ପ୍ରଭାତୀ, ସ୍ମିତା ମହାନ୍ତି, ଅବିନାବ ସିଂ, ଜିଆନ ହୋଟା, ପୁଷ୍ପ ପଣ୍ଡା ଏବଂ ସୋହାନ ସିଂ ନିଜ ନିଜ ସ୍ତରରେ ଚେଷ୍ଟା କରନ୍ତି। ପ୍ରେମ, ପ୍ରତାରଣା ଏବଂ ରକ୍ତାକ୍ତ ସଂଘର୍ଷର ଏହି ଖେଳରେ କିଏ ଶିକାରୀ ଆଉ କିଏ ଶିକାର, ତାହାର ନିଷ୍ପତ୍ତି ଏହି ରଜ ମଇଦାନରେ ହିଁ ହେବାର ଥିଲା।

ଅନ୍ୟପଟେ ପ୍ରେମ କେବଳ ପାଇବାର ନାଁ ନୁହେଁ, ପ୍ରେମ ହେଉଛି ବର୍ଷ ବର୍ଷର ନୀରବ ଅପେକ୍ଷା, ଯାହା ଅର୍ଦ୍ଧେନ୍ଦୁ ସାହୁ ଏବଂ ଜସ୍ମିନ୍ ରଥଙ୍କ ମଧ୍ୟରେ ଥିବା ଏକ ନିଆରା ନିବିଡ଼ ସମ୍ପର୍କକୁ ଦର୍ଶାଉଥିଲା। ବିଗତ ସାତ ବର୍ଷ ଧରି ସେମାନେ ନିଜ ମନର କଥାକୁ କହିପାରିନଥିଲେ ଏବଂ ସେହି ୭ ବର୍ଷର ଅକୁହା, ଅପ୍ରକାଶିତ ଓ ଅନନ୍ୟ ପ୍ରେମ କାହାଣୀ ସେମାନେ ଏକ ଗୁପ୍ତ 'ଡାଏରୀ'ର ପୃଷ୍ଠାରେ ଲେଖି ରଖିଥିଲେ। ସେମାନଙ୍କର ବିବାହ ପ୍ରସ୍ତୁତି ଚାଲିଥିବା ବେଳେ ଠିକ୍ ବିବାହର ୧୦ ଦିନ ପୂର୍ବରୁ ଜସ୍ମିନ୍ ?ଙ୍କ ଜୀବନରେ ଏକ ଆକସ୍ମିକ ସଂକଟ ଦେଖାଦିଏ। ଏହି ପ୍ରେମ କାହାଣୀଟି ଏକ ତ୍ରିକୋଣୀୟ ପ୍ରେମ କାହାଣୀର ମୋଡ଼ ନିଏ, ଯେଉଁଥିରେ ରୋମାନ୍ସ ସହିତ ଭରପୂର ଆକ୍ସନ ମଧ୍ୟ ପ୍ରବେଶ କରେ। ଅର୍ଦ୍ଧେନ୍ଦୁ, ଯିଏ ସାଧାରଣତଃ ପ୍ରତିବର୍ଷ ଦଶହରାରେ ନିଜର ଆକ୍ସନର ଜଲୱା ଦେଖାନ୍ତି, ସେ ଏଥର ପ୍ରଥମ ଥର ପାଇଁ ରଜ ଉତ୍ସବରେ ନିଜ ପ୍ରେମକୁ ସାବ୍ୟସ୍ତ କରିବା ପାଇଁ ମଇଦାନକୁ ଓହ୍ଲାନ୍ତି। ଜସ୍ମିନ୍ ଏହି ସଂଘର୍ଷକୁ ଭଗବାନଙ୍କର ଆଶୀର୍ବାଦ ମନେ କରି ନିଜର ଭଲପାଇବାକୁ ବଞ୍ଚାଇବା ପାଇଁ ଅର୍ଦ୍ଧେନ୍ଦୁଙ୍କ ହାତ ଧରନ୍ତି। ସୋମେଶ ଶତପଥୀଙ୍କ ମଧୁର ସଙ୍ଗୀତର ତାଳେ ତାଳେ ସେହି ଡାଏରୀର ପ୍ରତିଟି ପୃଷ୍ଠା ଏବେ ସମସ୍ତଙ୍କ ସାମ୍ନାରେ ଖୋଲିବାକୁ ଯାଉଛି।

ରଜ ପର୍ବର ଦ୍ୱିତୀୟ ଦିନ ସମଗ୍ର ଓଡ଼ିଶା ଉତ୍ସବମୁଖର ଥିବା ବେଳେ ପରଦା ପଛରେ ଏହି ଚାରୋଟି କାହାଣୀ ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ଏକାଠି ହୋଇଯାଏ। ଆଇପିଏସ୍ ଅଫିସର ଅନୁଭବ ଯେଉଁ ଅପରାଧୀ ତାପସ ସରଗରିଆକୁ ଗୋଡ଼ାଉଥିଲେ, ସେହି ତାପସ ହିଁ ଅମ୍ଳାନର ପରିବାରର ଧ୍ୱଂସର କାରଣ ଥିଲା ଏବଂ ସେହି ଅସାଧୁ ଚକ୍ରାନ୍ତକାରୀମାନେ ହିଁ ସିଦ୍ଧାନ୍ତ ମହାପାତ୍ରଙ୍କ 'ମିଲେଟ ଡାଏରୀ'କୁ ଚୋରି କରିବାକୁ ଚେଷ୍ଟା କରଉଥିଲେ। ଏପରିକି ଅର୍ଦ୍ଧେନ୍ଦୁ ଏବଂ ଜସ୍ମିନ୍‌ଙ୍କ ପ୍ରେମ କାହାଣୀ ମଧ୍ୟ ଏହି ମାଫିଆଙ୍କ କାର୍ଯ୍ୟକଳାପ ଯୋଗୁଁ ବିପଦରେ ପଡ଼ିଥିଲା। ସହରର କେନ୍ଦ୍ରସ୍ଥଳରେ ଚାରିଜଣ ନାୟକ ନିଜ ନିଜ ଉଦ୍ଦେଶ୍ୟରେ ଏକାଠି ହୁଅନ୍ତି, ଯେଉଁଠି ଅନୁଭବ ମହାନ୍ତି ନିଜର ଆଇପିଏସ୍ ରୁଦ୍ର ରୂପରେ ଆଇନର ରକ୍ଷା କରିବାକୁ, ସିଦ୍ଧାନ୍ତ ମହାପାତ୍ର ନିଜର ପାରମ୍ପରିକ ଜ୍ଞାନ ଓ ମାଟିର ଅଧିକାରକୁ ବଞ୍ଚାଇବାକୁ, ଅମ୍ଳାନ ଦାସ ଦୁଇ ବର୍ଷର ଅଭିମାନ ପରେ ନିଜର ଶେଷ ସଂଘର୍ଷ ବା ଶିକାର ସମ୍ପୂର୍ଣ୍ଣ କରିବାକୁ ଏବଂ ଅର୍ଦ୍ଧେନ୍ଦୁ ସାତ ବର୍ଷର ଅକୁହା ପ୍ରେମର ଡାଏରୀକୁ ପୂର୍ଣ୍ଣତା ଦେବାକୁ ପ୍ରସ୍ତୁତ ହୁଅନ୍ତି। ଏକ ମହାନ୍ ସଂଗ୍ରାମ ଆରମ୍ଭ ହୁଏ ଏବଂ ଆକ୍ସନ, ଇମୋସନ, ସସପେନ୍ସ, ରୋମାନ୍ସ ଓ ସାମାଜିକ ବାର୍ତ୍ତାର ଏକ ଅପୂର୍ବ ସମାହାର ଘଟେ। ଅପରାଧର ଅନ୍ତ ହୁଏ, ମାଟିର ବିଜୟ ହୁଏ, ପ୍ରେମ ସଫଳ ହୁଏ ଏବଂ ପ୍ରତିଶୋଧର ନିଆଁ ଶାନ୍ତ ହୁଏ। କାହାଣୀ ଶେଷରେ ଦର୍ଶକମାନେ ଆଖିରେ ଲୁହ ଏବଂ ଓଠରେ ହସ ନେଇ ପ୍ରେକ୍ଷାଳୟରୁ ଫେରନ୍ତି। ଚାରୋଟିଯାକ ଫିଲ୍ମ ନିଜ ନିଜ ଜାଗାରେ ଅନନ୍ୟ ଏବଂ ମୌଳିକ ଥିଲା। କିନ୍ତୁ ପ୍ରକୃତରେ ବାଜି କିଏ ମାରିଲା, ଏହାର ଉତ୍ତର କୌଣସି ଗୋଟିଏ ଫିଲ୍ମ ନୁହେଁ– ବାଜି ମାରିନେଲା ସମ୍ପୂର୍ଣ୍ଣ ଓଡ଼ିଆ ସିନେମା ଜଗତ ଏବଂ ଓଡ଼ିଶାର ସିନେପ୍ରେମୀ ଦର୍ଶକ, ଯେଉଁମାନେ ଏହି ରଜରେ ମନୋରଞ୍ଜନର ଏକ ମହାଖେରାକ୍ ଉପଭୋଗ କଲେ।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ